ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ଜାନୁୟାରୀ, ୨୦୨୦



## ସଂକ୍ଷେପରେ

### କୃଷିକ୍ଷେତ୍ର ଦିବସ ପାଳିତ



**ପଟ୍ଟାମୁଣ୍ଡାଇ,୧୦।୧ (ସ୍ୱ.ପ୍ର): ପଟ୍ଟାମୁଣ୍ଡାଇ** ବ୍ଲକ ସଂସାରଫଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର କୃଷି କ୍ଷେତ୍ର ଦିବସ ପାଳିତ ହୋଇଯାଇଛି । ଜିଲା କୃଷି ବିଭାଗ ତରଫରୁ ଏହି ଦିବସ ପାଳନ କରାଯାଇ ଗାଁ ଗହଳିରେ କୃଷକମାନେ ଖରିଫ ଋତୁରେ କିପରି ଉନ୍ନତ ଚାଷ କରି ନିଜ ପରିବାର ପୋଷଣ କରିପାରିବେ ସେ ସମ୍ପର୍କରେ ସଚେତନ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସଭାରେ ବ୍ଲକ କୃଷି ଅଧିକାରୀ ଭଦ୍ର ନାରାୟଣ ଦାସ ଯୋଗଦେଇ ଧାନ, ମୁଗ, ବିରି, ଗହମ, ମକା,ତୈଳବୀଜ, ପନିପରିବା ଚାଷ କରିବା ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟବକ୍ତା ଭାବେ ଉତିକଣ ଚାଷୀ ମୂଲିଆ ସଂଗ୍ରାମ ସମିତି ଆବାହକ ଭାସ୍କର ରାଉତରାୟ ଯୋଗଦେଇ କହିଥିଲେ ଯେ, ଚାଷୀମାନେ କ୍ରମାଗତ ଭାବେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବ୍ୟାପକ କ୍ଷତି ସହୁଥିଲେ ମଧ ସରକାରୀ ପ୍ରୋତ୍ସାହନ ମିଳୁନାହିଁ । କାଳିଆ ଯୋଜନାରେ ବହୁ ପ୍ରକୃତ ଚାଷୀ ବାଦ୍ ପଡିଛନ୍ତି । ସେମାନଙ୍କୁ ତୁରନ୍ତ ତାଲିକାଭୁକ୍ତ କରିବାକୁ ଆବାହକ ରାଉତରାୟ ଦାବି କରିଥିଲେ । ଦାବି ପୂରଣ ନ ହେଲେ ଚାଷୀମାନେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ରାଉତରାୟ ଚେତାବନୀ ଦେଇଥିଲେ । ଏହି ସଭାରେ ଗ୍ରାମ୍ୟ କୃଷି କର୍ମୀ ପର୍ଶୁରାମ ମଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ପତି ଉପସ୍ଥିତ ଥିଲେ । ସଂସାରଫଳ କୃଷକ ସାଥୀ ବିଚିତ୍ର ପାତ୍ର, ଓଉପଦା ପଞ୍ଚାୟତର ଅରୁଣ କୁମାର ରାଉତରାୟ, ଶ୍ରୀରାମପୁର କୃଷକ ସାଥୀ ନଟବର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସଂସାରଫଳ, ଓଉପଦା ଓ ଶ୍ରୀରାମପୁର ପଞ୍ଚାୟତର ଶତାଧିକ କୃଷକ ଯୋଗ ଦେଇଥିଲେ ।

### ସ୍ପିଚ୍ ଥେରାପି ଟ୍ରେନିଂ କ୍ୟାମ୍ପ ଉଦ୍ଯାପିତ

**ଡେରାବିଶ,୧୦।୧ (ସ୍ୱ.ପ୍ର.) :** ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ ମୁକୁନ୍ଦପୁର ବିଦ୍ୟାଳୟରେ ଗତ ତିନି ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ସ୍ପିଚ୍ ଥେରାପି ଟ୍ରେନିଂ କ୍ୟାମ୍ପ ଗୁରୁବାର ଅପରାହ୍ନରେ ଉଦ୍ଯାପିତ ହୋଇଯାଇଛି । ଉଦ୍ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଭିରାମ ମିଶ୍ର ଯୋଗ ଦେଇଥିଲେ । ମିଶ୍ର ତାଙ୍କ ବକ୍ତବ୍ୟରେ ବାକ୍ ଶକ୍ତି ବାଧିତ, ଶ୍ରବଣ ଶକ୍ତି ବାଧିତ ଏବଂ ଅନ୍ୟାନ୍ୟ ଶାରୀରିକ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟରେ ଅନ୍ୟ ବିଦ୍ୟାର୍ଥୀଙ୍କ ସହିତ ସମକକ୍ଷ କରିବା ପାଇଁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିବା କହିଥିଲେ । ମୁକୁନ୍ଦପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଭିଭାବକମାନେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ତାଲିମଦାତା ଭାବେ ଡେରାବିଶ ବ୍ଲକ ସମ୍ବଳ ଶିକ୍ଷକ ଜୟନ୍ତ ପ୍ରସାଦ ସ୍ୱାଇଁ, ଗରଦପୁର ବ୍ଲକର ହିମାଂଶୁ ଭୂଷଣ ଜେନା, ମହାକାଳପଡ଼ା ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଦାସ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ । ବ୍ଲକ ରିସୋର୍ସ ପର୍ସନ ପୁଷ୍ପଲତା ବେହେରା, ଭିନ୍ନକ୍ଷମ ସ୍ୱେଚ୍ଛାସେବୀ ପ୍ରଦ୍ୟୁମ୍ନ କିଶୋର ଜେନା ସହଯୋଗ କରିଥିଲେ ।

# ବଜାରରେ ମିଳୁଛି ଭିନ୍ନକ୍ଷମ ସାର୍ଟିଫିକେଟ

- ଭତ୍ତା ସହ ଅନ୍ୟାନ୍ୟ ଯୋଜନାରେ ସାମିଲ ପାଇଁ ଉଦ୍ୟମ
- ଧରାପଡିଲେ ଦୁଇବର୍ଷ ପର୍ଯ୍ୟନ୍ତ ଜେଲ
- ମାର୍ଚ୍ଚ ସୁଦ୍ଧା ଆଧାର ଲିଙ୍କ୍ ଶେଷ

**କେନ୍ଦ୍ରାପଡା ଅଫିସ, ୧୦।୧**

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଗତ ୧ ତାରିଖରେ ରାଜ୍ୟର ସମସ୍ତ ଜିଲାପାଳଙ୍କ ନିକଟକୁ ଚିଠି (ନଂ-୧) ହୋଇଛି । ଏହି ଚିଠିରେ ରାଜ୍ୟର ସମସ୍ତ ଭତ୍ତା ହିତାଧିକାରୀଙ୍କୁ ଆସନ୍ତା ୧୫ ତାରିଖରେ ଆଧାର ଲିଙ୍କ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଏ ସମ୍ପର୍କିତ ଅନଲାଇନ କାର୍ଯ୍ୟ ଶେଷ କରିବାକୁ ଚିଠିରେ ଉଲ୍ଲେଖ ରହିଛି । ଏପ୍ରିଲ ମାସ ଠାରୁ ହିତାଧିକାରୀଙ୍କୁ ଅନ୍‌ଲାଇନ ମାଧ୍ୟମରେ ବ୍ୟାଙ୍କ ଜମା ଖାତାରେ ଟଙ୍କା ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଏଥିରେ ସୂଚନା ଦିଆଯାଇଛି । ତେବେ ଜିଲାର ବିଭିନ୍ନ ସ୍ଥାନରେ ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ସହଜରେ ଉପଲବ୍ଧ ହେଉଥିବା ଅଭିଯୋଗ ହେଉଛି । ପ୍ରକୃତ ହିତାଧିକାରୀଙ୍କ ପାଇଁ ହୋଇଥିବା ସରକାରୀ ଯୋଜନାକୁ କେତେକ ଖଳ ପ୍ରକୃତିର ଲୋକ ହଡପ କରୁଥିବା ବୁଦ୍ଧିଜୀବୀମାନେ ଦର୍ଶାଇଛନ୍ତି ।

ସୂଚନା ଆଇନ ଅଧିକାର କର୍ମୀ ବାନାମ୍ବର ସାହୁ କହିଛନ୍ତି ଯେ, ଗତ ୨୦୧୯ ମସିହାରେ ଗରଦପୁର ଓ ମାର୍ଶାଘାଇ ବ୍ଲକ ଅଞ୍ଚଳରୁ ୮୨ ଭିନ୍ନକ୍ଷମ ହିତାଧିକାରୀ ବିଭାଗର ସ୍ୱତନ୍ତ୍ର ଯୋଜନା ଓ ବିକାଶ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଜିଲା କାର୍ଯ୍ୟାଳୟରେ ଆବେଦନ ପତ୍ର ଦାଖଲ କରିଥିଲେ । ତେବେ ଏହି ଆବେଦନ ପତ୍ର ମଧ୍ୟରୁ ୨୭ଟି ନକଲି ପ୍ରମାଣପତ୍ର ବୋଲି ସୂଚନା ମିଳିଛି । ଗରଦପୁର ବ୍ଲକ ନଡିଆବରେଇ ଗ୍ରାମର ଜଣେ ବ୍ୟକ୍ତି ସେମାନଙ୍କୁ ଟଙ୍କା ବଦଳରେ ନକଲି ପ୍ରମାଣପତ୍ର ଦେଇଥିବା କେତେକ ଆବେଦନକାରୀ ମାନିଛନ୍ତି । ଏହି ନକଲି ପ୍ରମାଣପତ୍ର ବଳରେ ଅଯୋଗ୍ୟମାନେ ଭିନ୍ନକ୍ଷମଙ୍କ ପାଇଁ ଉର୍ଦ୍ଦିଷ୍ଟ ଭତ୍ତା, ପରିବହନ, ଖାଉଟିସାମଗ୍ରୀ, ଶିକ୍ଷା, ସ୍ୱାସ୍ଥ୍ୟ, ଚାକିରୀ ଆଦି ବିଭିନ୍ନ ଯୋଜନାରେ ସାମିଲ ହୋଇଛନ୍ତି । ଏନେଇ ଅଧିକ ତଦନ୍ତର ଆବଶ୍ୟକତା ଅଛି । ଭିନ୍ନକ୍ଷମ ପ୍ରମାଣପତ୍ରରେ ସୁବିଧା ନେଇଥିବା ବ୍ୟକ୍ତିଙ୍କ ପ୍ରମାଣପତ୍ର ଯାଞ୍ଚ ହେଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି ସାହୁ କହିଛନ୍ତି ।

ଏ ସମ୍ପର୍କରେ ସୂଚନା ଆଇନ ଅଧିକାର କର୍ମୀ ପ୍ରଭାକର ସାମଲ କହିଛନ୍ତି ଯେ, ରାଜ୍ୟ ସରକାର ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ପ୍ରମାଣପତ୍ରଧାରୀଙ୍କୁ ୫୦୦ ଟଙ୍କା, ୬୦ ପ୍ରତିଶତରୁ ଅଧିକ ହିତାଧିକାରୀଙ୍କ ପାଇଁ ଓ କେନ୍ଦ୍ର ସରକାର ୮୦ ପ୍ରତିଶତରୁ ଅଧିକ ପ୍ରମାଣପତ୍ରଧାରୀଙ୍କ ପାଇଁ ଅଧିକ ୨୦୦ ଟଙ୍କା ଭତ୍ତା ବ୍ୟବସ୍ଥା କରିଛନ୍ତି । ଏଥିସହିତ ଭିନ୍ନକ୍ଷମ ଉପକରଣ ପ୍ରଦାନ, ଚିକିତ୍ସା, ଯାତାୟାତ, ଶିକ୍ଷା, ବ୍ୟବସାୟ ପାଇଁ କମ ସୁଧ ହାରରେ ଋଣ ଆଦିର ବ୍ୟବସ୍ଥା ହୋଇଛି । ଏହାଦ୍ୱାରା ଶାରୀରିକ, ମାନସିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତି ଅବାଧରେ ସାମାଜିକ ଜୀବନ ବିତାଇ ପାରିବ । ତେବେ ଭିନ୍ନକ୍ଷମଙ୍କ ପ୍ରମାଣପତ୍ର ପାଇବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ବ୍ୟବସ୍ଥା ହୋଇନାହିଁ । କଟକରୁ ବିଭିନ୍ନ ବିଭାଗ ଡାକ୍ତର ନ ଆସିପାରିଲେ ଭିନ୍ନକ୍ଷମ ପରୀକ୍ଷା ପାଇଁ କଟକ ଯିବାକୁ ପଡୁଛି । ଏହାର ସୁଯୋଗ ନେଇ ନକଲି ପ୍ରମାଣପତ୍ରର ବିକ୍ରି ଜିଲାରେ ବଢ଼ିଚାଲିଛି । ଏଥିସହିତ ଗ୍ରାମ୍ୟ ରାଜନୀତି, ପ୍ରଶାସନିକ ଅଧିକାରୀଙ୍କ ଅସହଯୋଗିତା ଫଳରେ ଭିନ୍ନକ୍ଷମଙ୍କ ଯନ୍ତ୍ରଣା ବଢୁଥିବା ସେ କ୍ଷୋଭର ସହ ପ୍ରକାଶ କରିଥିଲେ । ଏ ସମ୍ପର୍କରେ ଉପଖଣ୍ଡ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ କହିଛନ୍ତି ଯେ, ଯଦି କେହି ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଉର୍ଦ୍ଦିଷ୍ଟ କୌଣସି ଫାଇଦାକୁ ପ୍ରବଞ୍ଚନା କରି ଉପଭୋଗ କରନ୍ତି ଅଥବା ଉପଭୋଗ କରିବା ପାଇଁ ଚେଷ୍ଟା କରନ୍ତି, ତାଙ୍କୁ ଦୁଇବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଅଥବା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ଅନୁଯାୟୀ ୨୦୧୬ରେ ହୋଇଛି । ଏନେଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରମାଣପତ୍ରର ଯାଞ୍ଚ ଚାଲିଛି । ଏପରି ଶତାଧିକ ନକଲି ପ୍ରମାଣପତ୍ର ଏବେ ନଜରକୁ ଆସିଛି । ଅନ୍‌ଲାଇନ ପରୀକ୍ଷା ହେଉଥିବାରୁ ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ସହଜରେ ଚିହ୍ନଟ ହୋଇପାରୁଛି । ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡା ଜିଲାରେ ୨୦୧୧ ଜନଗଣନା ସମୟରେ ମୋଟ ୪୦,୧୧୦ ଭିନ୍ନକ୍ଷମ ପ୍ରମାଣପତ୍ରଧାରୀ ଅଛନ୍ତି । ଏଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ଅଧୀନରେ ୩,୬୧୭ ଓ ରାଜ୍ୟ ସରକାରଙ୍କ ଅଧୀନରେ ୧୨,୯୩୩ ଜଣ ହିତାଧିକାରୀ ଭତ୍ତା ଯୋଜନାରେ ସାମିଲ ହୋଇଛନ୍ତି । ଏଥିମଧ୍ୟରୁ ବହୁ ହିତାଧିକାରୀଙ୍କ ପ୍ରମାଣପତ୍ର ନକଲି ବୋଲି ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି ।

### ମାର୍ଚ୍ଚ ଶେଷ ସୁଦ୍ଧା ଭତ୍ତା ହିତାଧିକାରୀଙ୍କ ଆଧାର ଲିଙ୍କ

**କେନ୍ଦ୍ରାପଡା ଅଫିସ, ୧୦।୧**

ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା ବୈଠକ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ଭତ୍ତା ହିତାଧିକାରୀଙ୍କ ଆଧାର ଲିଙ୍କ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ରାପଡା ଜିଲାରେ ଗତ ୯ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୬୩୩୯୫ ଜଣ ହିତାଧିକାରୀ ଅଛନ୍ତି । ୧୨୧୪୫ ଜଣ ବିଧବା ଭତ୍ତା, ୩୭୦୩ ଜଣ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି । ମଧୁବାବୁ ପେନସନ ଯୋଜନାରେ ୧୦୬୬୮ ଜଣ ହିତାଧିକାରୀ ଅଛନ୍ତି । ଏହି ସମସ୍ତ ହିତାଧିକାରୀ ଆସନ୍ତା ୧୫ ତାରିଖରେ ନିଜର ଆଧାର କାର୍ଡ ଧରି ଭତ୍ତା କେନ୍ଦ୍ରକୁ ଆସିବା ପାଇଁ ସଚେତନତା ସୃଷ୍ଟି କରିବାକୁ ଆଲୋଚନା ହୋଇଥିଲା । ଏଥିରେ ଉପଜିଲାପାଳ ଜ୍ୟୋତି ରଞ୍ଜନ ମହାପାତ୍ର, ସିଡିଏମଓ ଡା. ଉର୍ମିଳା ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଉଦୟନାଥ ଜେନା, ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ଅନ୍ତରଙ୍ଗ କଳାକାର ପରିବାରର ବାର୍ଷିକୋତ୍ସବ

# ସାମାଜିକ ବାର୍ତ୍ତାକୁ ହୃଦୟଗ୍ରାହୀ କରେ ଯାତ୍ରା କଳାକାର




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

**କେନ୍ଦ୍ରାପଡା ଅଫିସ, ୧୦।୧**

ସହରର ଗୋପଠାରେ ଅନ୍ତରଙ୍ଗ କଳାକାର ପରିବାରର ୧୬ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅନୁଷ୍ଠାନର ଉପସଭାପତି ନିଗମାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଜ୍ଞାନୀ ଗୁରୁ ଶ୍ରୀ ସନ୍ଥ, ବିଧାୟକ ଶଶିଭୂଷଣ ବେହେରା, ମନୋରଞ୍ଜନ ମହାପାତ୍ର, ଦେବୀ ପ୍ରସାଦ ରଥ, ସୁରେନ୍ଦ୍ର ମହାନ୍ତି, ରଞ୍ଜିତା ମହାନ୍ତି, ଗୌର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଯାତ୍ରା କଳାକାର ଦର୍ଶକଙ୍କୁ ମନୋରଞ୍ଜନ ମାଧ୍ୟମରେ ଖୁସି ଦେଇଥାଏ । ତେବେ ଏହି ନାଟକର ସଂଳାପ ମାଧ୍ୟମରେ ସାମାଜିକ ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇଥାଏ । ଏହି ବାର୍ତ୍ତା ସାମାଜିକ ଜୀବନରେ ସଂସ୍କାର ଆଣିପାରିବ । ଅତିଥିମାନେ କହିଥିଲେ ଯେ, ଆନ୍ତରିକତା, ଅନ୍ତରଙ୍ଗତା ଓ ଅଙ୍ଗୀକାରବଦ୍ଧତାକୁ ନେଇ ନାଟ୍ୟଶିଳ୍ପ ବଞ୍ଚି ରହିଛି । ଏଥିପାଇଁ ସରକାରୀ ପ୍ରୋତ୍ସାହନ ନ ଥିବାରୁ କଳାକାରଙ୍କ ଭବିଷ୍ୟତ ଅନିଶ୍ଚିତତା ଆଡକୁ ଗତି କରୁଛି । ଉତ୍ସବ ପ୍ରାରମ୍ଭରେ ଅନୁଷ୍ଠାନର ପୂର୍ବତନ ସଭାପତି ତଥା ନାଟ୍ୟକାର ସ୍ୱର୍ଗତ ଅନନ୍ତ ଓଝାଙ୍କ ସ୍ମୃତିଚାରଣ କରାଯାଇଥିଲା । ଏହି ଅବସରରେ ନାଟ୍ୟକାର ରମେଶ ପାଣିଗ୍ରାହୀ, ଅଭିନେତା ମଣିଭଦ୍ର ବିଶ୍ୱାଳ, ଦେବୀପ୍ରସାଦ ରଥ, ବିଷ୍ଣୁ ଚରଣ ନାଥ, ଅଭିନେତ୍ରୀ ମନ୍ଦାକିନୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ରଙ୍କୁ 'ହେ ହୃଷୀକେଶ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଯାତ୍ରା ଖବରଦାତା ଅଭିରାମ ସେନାପତିଙ୍କୁ ଅନ୍ତରଙ୍ଗ ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହ ଭୁବନେଶ୍ୱର ବରମୁଣ୍ଡାର ଆଖଣ୍ଡଳମଣି ନାଟ୍ୟ ସଂସଦ, କେନ୍ଦ୍ରାପଡା ବଡମଙ୍ଗଳାର ବାଣୀ ମଙ୍ଗଳା ନାଟ୍ୟ ସଂସଦକୁ କଳାକ୍ଷେତ୍ରରେ ଉଲ୍ଲେଖନୀୟ ସହଯୋଗ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ଶୁଭ୍ରାଂଶୁ ଶେଖର ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯାତ୍ରା ଜଗତର ବହୁ ନାମୀଦାମୀ କଳାକାର, ନାଟ୍ୟକାର, ଗୀତିକାର, ନିର୍ଦ୍ଦେଶକ ଯୋଗ ଦେଇଥିଲେ । ଉତ୍ସବକୁ ଶୈଳଜା ଶଙ୍କର, ଉମାକାନ୍ତ ଜେନା, ଭବାନୀ ପ୍ରସାଦ ଓଝା, ଶଶୀକାନ୍ତ ସୁଆର ପ୍ରମୁଖ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଦସ୍ୟଗଣ ସହଯୋଗ କରିଥିଲେ ।

## ଅଙ୍ଗୁଲାଇ କ୍ରିକେଟ ଟୁର୍ନାମେଣ୍ଟ

# ନିମପୁର ସ୍ପୋର୍ଟିଂ ଫାଇନାଲରେ

**ମାର୍ଶାଘାଇ,୧୦।୧(ଡ଼ିଏନ୍‌ଏ)**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଲାଇ ଖେଳପଡିଆରେ ତାରିଣୀ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୫ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଭୁବନେଶ୍ୱରର ପାରାମାଉଣ୍ଟ କ୍ଲବକୁ ୧୪ ରନରେ ହରାଇ କଟକ ନିମପୁର ସ୍ପୋର୍ଟିଂ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ନିମପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୫ ଉଇକେଟ ବିନିମୟରେ ୧୭୮ରନ୍ ସଂଗ୍ରହ କରିଥିଲା । ଦଳ ତରଫରୁ ଗିରିଜା ରାଉତ ସର୍ବାଧିକ ୪୫(୬୪ ବଲ୍), ବିକ୍ରମ ସାମଲ ୨୫(୨୪ବଲ୍), ଅଜୟ ରାଉତ ୨୦(୧୪ ବଲ୍) ସଂଗ୍ରହ କରିଥିଲେ । ଜବାବରେ ବ୍ୟାଟ୍ସମ୍ୟାନ ଆଲୋକ ସେଠୀ ୪୪(୨୬ ବଲ୍), ସୁଦର୍ଶନ ସ୍ୱାଇଁ ୪୫(୪୫ବଲ୍) ଏବଂ ସୁଜିତ ବେଉରାଙ୍କ ୩୮(୨୬ ବଲ୍) ରନ୍ ଅବଦାନ ସତ୍ତ୍ୱେ ପାରାମାଉଣ୍ଟ ଟିମ୍ ନିର୍ଦ୍ଧାରିତ ୨୫ଓଭରରେ ୯ ଉଇକେଟରେ ୧୬୪ ରନ କରିପାରିଥିଲା । ନିମପୁର ସ୍ପୋର୍ଟିଂ ଦଳ ତରଫରୁ ବୋଲର ଏମ୍.କେ.ଦାସ ୫ ଓଭରରେ ମାତ୍ର ୨୬ ରନ୍ ଦେଇ ୪ ଗୋଟି ଉଇକେଟ ଅକ୍ତିଆର କରିଥିଲେ । ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବ୍ୟାଟ୍ସମ୍ୟାନ ଗିରିଜା ରାଉତ ଏବଂ ବୋଲର ଏମ.କେ. ଦାସ ଯୁଗ୍ମ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ମାର୍ଶାଘାଇର 'ଅମ୍ବିକା ଅଶୋକା' ପ୍ରତିଷ୍ଠାନ ଦ୍ୱାରା ପୁରସ୍କୃତ ହୋଇଥିଲେ । ଆସନ୍ତା ୧୫ ତାରିଖ ମକର ସଂକ୍ରାନ୍ତି ଦିନ ଶୁକ୍ରବାରର ବିଜେତା କଟକ ନିମପୁର ସ୍ପୋର୍ଟିଂ ଏବଂ ପ୍ରଥମ ସେମିଫାଇନାଲର ବିଜେତା କେନ୍ଦ୍ରାପଡ଼ା ବାଲାବାବା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜନ କମିଟି ସଦସ୍ୟ ଜୟନ୍ତ ମଲିକ,ଚନ୍ଦନ ରାଉତ ପ୍ରମୁଖ ସୂଚନା ଦେଇଛନ୍ତି ।

# ବିକୃତ ଶବ୍ଦ ଓଡ଼ିଆ ଭାଷା ମାନକୁ ତଳିତଳାନ୍ତ କରୁଛି




ସାହିତ୍ୟ ସଭାରେ ଯୋଗ ଦେଇଥିବା ଅତିଥିମାନେ ।

**କେନ୍ଦ୍ରାପଡା ଅଫିସ, ୧୦।୧**

ବିକୃତ ଶବ୍ଦ ଓଡିଆ ଭାଷାକୁ ତଳିତଳାନ୍ତ କରୁଛି । ସମାଜର ପରିବର୍ତ୍ତନ ଦ୍ୱାହି ଦେଇ ଯେଉଁ ସାହିତ୍ୟ ସର୍ଜନା କରାଯାଉଛି, ତାହା ଜନସାଧାରଣଙ୍କର ସ୍ୱର ଭାବେ ପରିଗଣିତ ହେଉନାହିଁ । ଫଳରେ ସାଂପ୍ରତିକ ସମୟରେ କାଳଜୟୀ ସାହିତ୍ୟ କମି ଯାଉଛି । ଏହାର ପରିବର୍ତ୍ତନ ଆବଶ୍ୟକ ବୋଲି ଶୁକ୍ରବାର ଆୟୋଜିତ ସାହିତ୍ୟ ସଭାରେ ଅତିଥିମାନେ ମତ ରଖିଛନ୍ତି ।

ସହରର ମହିପାଳ ଟେଲିକମ ଗ୍ରାଉଣ୍ଡ ଠାରେ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଆୟୋଜିତ ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟାରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରାପଡା ଜିଲା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି ସାହିତ୍ୟ ସଭାରେ ସଂସଦ ସଭାପତି ଡ. ବାସୁଦେବ ଦାସ ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଧାୟକ ଶଶିଭୂଷଣ ବେହେରା, ଶିକ୍ଷାବିତ ନନ୍ଦକିଶୋର ପରିଡା, ଅଲେଖ ପଢ଼ିଆରୀ, ଡିଇଓ କଳ୍ପନା ବେହେରା, କରୁଣାକର ଦାସ, ଆଇନଜୀବୀ ପ୍ରଦୀପ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେମାନେ ଦର୍ଶାଇଥିଲେ ଯେ, ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି । ତେବେ ଓଡିଶାରେ ଓଡିଆ ଭାଷାର ଠିକ୍ ଶବ୍ଦ ଚୟନ ପାଇଁ ଶିକ୍ଷାର୍ଥୀ ଓ ଭାଷାବିତ୍‌ଙ୍କର ଅଭାବ ରହିଛି । ଓଡିଆ ଭାଷାକୁ ବୁଦ୍ଧିମନ୍ତ କରିବା ପାଇଁ ଓଡିଶାର ପ୍ରତ୍ୟେକ ବ୍ୟକ୍ତି ଆଗଭର ହେବା ଆବଶ୍ୟକ । ସନ୍ତାନଙ୍କ ସହିତ ଓଡିଆରେ କଥାବାର୍ତ୍ତା କରିବା ସହିତ ଓଡିଆ ସଂସ୍କୃତି ସହିତ ସେମାନଙ୍କୁ ପରିଚିତ କରାଇବା ପାଇଁ ପରିବାର ସଦସ୍ୟ ଯତ୍ନ ନେବା ଦରକାର । ନଚେତ ଏହାର ଅବକ୍ଷୟ ହେବ । ଏହି ଅବସରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂସଦ ସମ୍ପାଦକ ଶୁଭ୍ରାଂଶୁ ଶେଖର ଦାସ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କବି ଅଶୋକ ସାହୁ ଓ ଚାରୁଲତା ସ୍ୱାଇଁଙ୍କ ସଂଯୋଜନାରେ ୨୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ ସୃଜନ ଦିଗନ୍ତ ପକ୍ଷରୁ ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହୋଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶ ସମ୍ପର୍କରେ ନାଟକ ପରିବେଷଣ କରା ଯାଇଥିଲା । ପ୍ରଦ୍ୟୁମ୍ନ ବେହେରା, ରଞ୍ଜନ ବିଶ୍ୱାଳ, ଜ୍ୟୋତି ପ୍ରକାଶ ନାୟକ, ବିଜୟ କୁମାର ବେହେରା, ମନୋଜ କୁମାର ଦାସ, ଶାନ୍ତନୁ ମଲ୍ଲିକ, ମାନସ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପାଇପ ପାଣି ପାଇଁ ମାଟିଖୋଳାକୁ ବିରୋଧ

# ବଡ଼ମଙ୍ଗଳା ଛକରେ ରାସ୍ତାରୋକୋ

**କେନ୍ଦ୍ରାପଡା ଅଫିସ, ୧୦।୧**

ପୌରସଂସ୍ଥା ପକ୍ଷରୁ ପାନୀୟ ଜଳର ସୁପରିଚାଳନା ପାଇଁ କେନ୍ଦ୍ରାପଡା ସହରରେ ନୂତନ ପାଇପ ବିଛାଯାଉଛି । ତେବେ ଏହି ପାଇପ ଯାଉଥିବା ସ୍ଥାନ ବ୍ୟକ୍ତିଗତ ଦର୍ଶାଇ ସହରର ବଡମଙ୍ଗଳାର କେତେକ ବ୍ୟକ୍ତି ମାଟି ଖୋଳାକୁ ବନ୍ଦ କରି ଦେଇଥିଲେ । ମାଟି ଖୋଳା ବନ୍ଦ ପ୍ରତିବାଦରେ ବଡମଙ୍ଗଳା ଗ୍ରାମର ଦଳିତ ବସ୍ତିର ମହିଳାମାନେ ତିନିମୁହାଣୀ-ଅଙ୍ଗୁଲାଇ ରାସ୍ତାର ବଡମଙ୍ଗଳା ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ । ଏଥିଯୋଗୁ ପ୍ରାୟ ଦୁଇ ଘଣ୍ଟା ଧରି ତିନିମୁହାଣୀ ଇଚ୍ଛାପୁର ରାସ୍ତା ବନ୍ଦ ରହିଥିଲା । ଦଳିତ ବସ୍ତିର ଟୁନି ମଲ୍ଲିକ ଓ ସିପ୍ରା ମଲ୍ଲିକଙ୍କ ନେତୃତ୍ୱରେ ଏହି ରାସ୍ତାରୋକୋ ହୋଇଥିଲା । ଖବରପାଇ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଅତିରିକ୍ତ ତହସିଲଦାର ନମିତା ବାରିକ, ଏସଆଇ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଜମିର ମାପଚୁପ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା । ଏ ସମ୍ପର୍କରେ ଆନ୍ଦୋଳନକାରୀମାନେ ଦର୍ଶାଇଥିଲେ ଯେ, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ବିଛା ଯାଉଥିବା ବେଳେ ବ୍ୟକ୍ତିଗତ ଜମି ଦର୍ଶାଇ ସରକାରୀ ଜମିକୁ କେତେକ ବ୍ୟକ୍ତି ଜବରଦଖଲ କରିଛନ୍ତି । ଏନେଇ ବିଭାଗୀୟ ଅଧିକାରୀ ଓ ପୌରସଂସ୍ଥା ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ ।

### ଟ୍ରଲର ଜବତ, ୧୮ ଗିରଫ

**ରାଜନଗର, ୧୦।୧(ଡି.ଏନ.ଏ.)**

ଗୁରୁବାର ସନ୍ଧ୍ୟାରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଭିତରକନିକା ସଂଲଗ୍ନ ଗହୀରମଥା ନଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ଦୁଇଟି ଟ୍ରଲର ଜବତ କରଛି । ଏହି ଘଟଣାରେ ୧୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି ।

### ଚିଙ୍ଗୁଡି ବୋଝେଇ ମିନିଟ୍ରକ୍ ଓଲଟିଲା

**ମାର୍ଶାଘାଇ,୧୦।୧(ଡି.ଏନ୍.ଏ.)**

ଚଣ୍ଡିଖୋଲ-ପାରାଦୀପ ୫ନଂ (କ)ଜାତୀୟ ରାଜପଥର କୁସୁନପୁର ଗ୍ରାମ ନିକଟରେ ଶୁକ୍ରବାର ଭୋର ସମୟରେ ଏକ ଚିଙ୍ଗୁଡି ବୋଝେଇ ମିନିଟ୍ରକ୍ ଓଲଟି ପଡିଥିଲା । ମିନିଟ୍ରକରୁ ଡାଲା ଅଲଗା ହେବା ସହିତ ବୋଝେଇ ହୋଇଥିବା ଚିଙ୍ଗୁଡି ରାସ୍ତା ସାରା ବିଛାଡି ହୋଇ ପଡି ଯାଇଥିଲା । ଫଳରେ ଜନସାଧାରଣ ଚିଙ୍ଗୁଡିକୁ ଗୋଟେଇ ନେଇ ଯାଇଥିଲେ । ଦୁର୍ଘଟଣାଗ୍ରସ୍ତ ଗାଡିର ଡ୍ରାଇଭର ସାମାନ୍ୟ ଆହତ ହୋଇ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ । ଖବର ଲେଖା ହେବା ବେଳକୁ ଏନେଇ ଥାନାରେ ଅଭିଯୋଗ ହୋଇନାହିଁ ।

### ଆଳି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଆଳି,୧୦।୧(ଡି.ଏନ.ଏ)**

ଆଳି ମହାବିଦ୍ୟାଳୟର ୩୩ ତମ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଯୁଧିଷ୍ଠିର ଲେଙ୍କାଙ୍କ ନେତୃତ୍ୱରେ ଛାତ୍ରମାନେ ଶ୍ରୀ ଶ୍ରୀ ଲକ୍ଷ୍ମୀବରାହଜୀଉଙ୍କ ମନ୍ଦିର ନିକଟରୁ ମଶାଲ ଶୋଭାଯାତ୍ରାରେ ବାହାରି ଦେମାଳ, ଆଳି ନୂଆବଜାର, ନିଆଳ,ନିଆଳହାଟ ପରିକ୍ରମା କରି ମହାବିଦ୍ୟାଳୟରେ ପହଞ୍ଚିଥିଲେ । ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଫୁଲ କୁମାର ପରିଡା କ୍ରୀଡା ପତାକା ଉତ୍ତୋଳନ କରିବା ସହିତ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧକ୍ଷ ବିନୋଦ ବିହାରୀ ପତି, ସନ୍ନ୍ୟାସୀ ଚରଣ ଦାଶ, ଦୁର୍ଯ୍ୟୋଧନ ମଲିକ, ରାଜକିଶୋର ବେହେରା, ବିଜୟ କୁମାର ସାହୁ ଯୋଗଦେଇ ପାଠ ପଢା ସହ କ୍ରୀଡା ପ୍ରତି ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର କ୍ରୀଡା ଉପ ସଭାପତି ହରପ୍ରସାଦ ରଥ,ସହଯୋଗୀ ଉପ ସଭାପତି ରତ୍ନକାନ୍ତ ମିଶ୍ର, ସାଗରିକା ସାହୁ ପ୍ରମୁଖ ସହଯୋଗ କରିଥିଲେ । ଛାତ୍ରୀଛାତ୍ରମାନଙ୍କୁ ସିନିୟର ଓ ଜୁନିୟର ଦୁଇଟି ଭାଗରେ ବିଭକ୍ତ କରାଯାଇ ୧୦୦ ମିଟର,୨୦୦ ,୪୦୦ ମିଟର ଦୌଡ, ହାଇଜମ୍ପ, ସଟପୁଟ୍ଟ ଓ ଡିସକସ ଥ୍ରୋ ଆଦି ପ୍ରତିଯୋଗିତା କରାଯାଇଥିଲା ।

# ଗାନ୍ଧୀ ପାର୍କ ନିର୍ମାଣ କାର୍ଯ୍ୟ ତଦାରଖ କଲେ ଜିଲାପାଳ

**ଡେରାବିଶ,୧୦।୧(ସ୍ୱ.ପ୍ର.)**

ଗୁରୁବାର ଜିଲାପାଳ ସମର୍ଥ ବର୍ମା ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ସଲାର ମଠ ନିକଟସ୍ଥ ଗାନ୍ଧୀ ସ୍ମୃତି ପୀଠରେ ନିର୍ମାଣାଧୀନ ଗାନ୍ଧୀ ପାର୍କ କାର୍ଯ୍ୟର ତଦାରଖ କରିଛନ୍ତି । ଚଳିତ ମାସ ୩୦ ତାରିଖରେ ଗାନ୍ଧୀଜୀଙ୍କ ଶ୍ରାଦ୍ଧୋତ୍ସବରେ ଏହି ପାର୍କକୁ ଲୋକାର୍ପଣ କରାଯିବାର ଅଛି । ଏହା ପୂର୍ବରୁ କିପରି ପାର୍କ ନିର୍ମାଣ ଶେଷ କରାଯିବ ସେଥିପାଇଁ ଜିଲାପାଳ କାର୍ଯ୍ୟର ଅଗ୍ରଗତି ନେଇ ବାରମ୍ବାର ତଦାରଖ କରୁଛନ୍ତି । ଗାନ୍ଧୀ ପଦଯାତ୍ରାର ସ୍ମାରକୀ ଉପଲକ୍ଷେ ଏହି ସ୍ଥାନରେ ଗାନ୍ଧୀଙ୍କ ନାମରେ ପାର୍କ ନିର୍ମାଣ କରାଯାଉଛି । ଜିଲାପାଳଙ୍କ ସହିତ ଡେରାବିଶ ବିଡିଓ ଗୋପବନ୍ଧୁ ଭୋସାଗର, ଏବିଡିଓ ଭଞ୍ଜକିଶୋର ନାୟକ, କନିଷ୍ଠ ଯନ୍ତ୍ରୀ ଦେବଳା ସାହୁ, ସରପଞ୍ଚ ଲିଲିମା ପରିଡା, ପୂର୍ବତନ ସମିତି ସଭ୍ୟ ଗୌତମ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ ।



ଅନ୍ୟମାନଙ୍କ ଗହଣରେ ଜିଲାପାଳ ପାର୍କ କାର୍ଯ୍ୟର ତଦାରଖ କରୁଛନ୍ତି ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି । ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଡବ୍ଲ୍ୟୁଆର୍‌ଏସ୍-୨୩-୨୦୧୯-୨୦ । ତାରିଖ: ତା୦୩।୦୧।୨୦୨୦ ୱାଗନ୍ ରିପେୟାର୍ ଶପ୍, ଏସ୍‌ଇସିଆର୍, ରାୟପୁର (ଛତିଶଗଡ଼) ଠାରେ ନିମ୍ନଲିଖିତ କାର୍ଯ୍ୟର ସଫଳ ନିର୍ବାହ ପାଇଁ ଅଭିଜ୍ଞ ଠିକାଦାରମାନଙ୍କଠାରୁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । **କାର୍ଯ୍ୟର ନାମ:-** ୦୨ (ଦୁଇ) ବର୍ଷ ଅବଧି ପାଇଁ "ସବୁ ପ୍ରକାର ୱାଗନ୍‌ର ସିବିସି ଓ ଏହାର କମ୍ପୋନେଣ୍ଟଗୁଡ଼ିକର ଡ୍ରପିଂ" ନିମନ୍ତେ କାର୍ଯ୍ୟ ଠିକା । ଆନୁମାନିକ । **ଟେଣ୍ଡର ମୂଲ୍ୟ:-** ଟ.୩୩,୦୪,୧୨୮.୦୦ (ତେତିଶ ଲକ୍ଷ ଚାରି ହଜାର ଏକଶହ ଅଠେଇଶ ଟଙ୍କା ମାତ୍ର) ଜିଏସ୍‌ଟି ସମେତ । **ପରିମାଣ ଏବଂ ଚୁକ୍ତି ଅବଧି:-** ସଂଲଗ୍ନ ପରିଶିଷ୍ଟ ଅନୁଯାୟୀ ୨୪ (ଚବିଶ) ମାସ ଅବଧି ପାଇଁ । **ଅମାନତ ରାଶି (ଟ.):-** ଟ.୬୬୧୦୦.୦୦ (ଛଅଷଠି ହଜାର ଏକ ଶହ ଟଙ୍କା ମାତ୍ର) । **ଟେଣ୍ଡର ଫର୍ମ ମୂଲ୍ୟ (ଟ.):-** ଟ.୩,୦୦୦/- (ତିନିହଜାର ଟଙ୍କା ମାତ୍ର) । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୦୩।୦୨।୨୦୨୦ରିଖ ୧୬.୦୦ ଘଟିକା । **ବିଡିଂ ଆରମ୍ଭ ତାରିଖ:-** ତା୨୦।୦୧।୨୦୨୦ରିଖ । **ଯୋଗ୍ୟତା ମାନଦଣ୍ଡ:-** ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ । ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟେଣ୍ଡରର ବିବରଣୀ ୱେବ୍‌ସାଇଟ୍ www.ireps.go.in ରେ ଉପଲବ୍ଧ ।

PR/R/WRS/AP/187 ଡେପୁଟି ସିଏମ୍‌ଇ (III)/ଡବ୍ଲ୍ୟୁଆର୍‌ଏସ୍/ରାୟପୁର

South East Central Railway @secrail



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ। -ଭଲ୍‌ଟାୟାର



## ସଂକ୍ଷେପରେ

### ଜିଲାରେ ପ୍ରଥମ କରି ଧର୍ମଶାଳା ତହସିଲରେ ୱେବ୍ ପୋର୍ଟାଲ ଉନ୍ମୋଚିତ

ଧର୍ମଶାଳା,୧୦।୧(ଡି.ଏନ୍.ଏ.) : ମୋ ସରକାର ଓ ୫-ଟି ଯୋଜନା ମାଧ୍ୟମରେ ପ୍ରଶାସନରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ଶୁକ୍ରବାର ଧର୍ମଶାଳା ତହସିଲରେ ୱେବ ପୋର୍ଟାଲ ଉନ୍ମୋଚିତ କରାଯାଇଛି। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଏହି ୱେବ ପୋର୍ଟାଲକୁ ଉନ୍ମୋଚନ କରିଥିଲେ। ସେ କହିଥିଲେ ଯେ, ଏହି ୱେବ ପୋର୍ଟାଲ ମାଧ୍ୟମରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ପଞ୍ଜୀକରଣ କରାଯାଇ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରାଯିବ। ଅଭିଯୋଗ ପଞ୍ଜୀକରଣ ହେବା ସମୟରେ ଅଭିଯୋଗକାରୀଙ୍କ ଫଟୋ ଉଠାଯିବ। ତାଙ୍କର ଫୋନ ନମ୍ବରକୁ ପଞ୍ଜୀକୃତ କରାଯାଇ ତହସିଲ ପକ୍ଷରୁ ଏକ ପଞ୍ଜୀକୃତ ନମ୍ବର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ନମ୍ବରରେ ଅଭିଯୋଗର ସମ୍ପୂର୍ଣ୍ଣ ବିବରଣୀ ମାସେଜ ମାଧ୍ୟମରେ ଜଣାଇ ଦିଆଯିବ। ତହସିଲ ଅଫିସକୁ ବାରମ୍ବାର ନ ଆସି ନିଜ ଘରେ ବସି ଜନସାଧାରଣ ନିଜ ଅଭିଯୋଗ ନେଇ କାର୍ଯ୍ୟାନୁଷ୍ଠାନ କେତେ ବାଟ ଆଗେଇଛି କିମ୍ବା କେତେଦିନ ମଧ୍ୟରେ ଏହାର ସମାଧାନ ହୋଇପାରିବ ଜାଣିପାରିବେ ବୋଲି ଦାସ ସୂଚନା ଦେଇଥିଲେ। ଉତ୍ସବରେ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ମହାନ୍ତି,ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ,ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା,ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି, ଶୀତଲ ଅଗ୍ରୱାଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ରସୁଲପୁର ତହସିଲଦାର ଜ୍ୟୋତି ପ୍ରକାଶ ଭୁଜବଳ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସ୍ତରରେ ୱେବ ପୋର୍ଟାଲ ପ୍ରଥମ କରି ଧର୍ମଶାଳା ତହସିଲରେ ଶୁକ୍ରବାର ଖୋଲାଯାଇଛି ବୋଲି ତହସିଲଦାର ପଣ୍ଡା ସୂଚନା ଦେଇଥିଲେ। ଏହି ଅବସରରେ ତହସିଲ କର୍ମଚାରୀମାନେ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

### ଛେଳି ଚୋରି ଅଭିଯୋଗରେ ୩ ଅଟକ

ଛତିଆ,୧୦।୧(ଡିଏନ୍‌ଏ) ବୈରୀ ଥାନା ପାରିଆ ପଞ୍ଚାୟତର ଅମୀୟଝରି ନିକଟରେ ଶୁକ୍ରବାର ଛେଳି ଚୋରି କରିବାବେଳେ ୩ଜଣ ଯୁବକ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ି ନିର୍ଦ୍ଧୁମ ଛେଚା ଖାଇଛନ୍ତି। ଏହାପରେ ସେମାନଙ୍କୁ ପୋଲିସ ଜିମାରେ ଦିଆଯାଇଥିବା ଜଣାପଡିଛି। ୪ଜଣ ଯୁବକ ବୁଢାକେନ୍ଦୁଆ ପଟୁ ୨ଟି ବାଇକ୍‌ରେ ଛେଳି ଚୋରିକରି ଆସୁଥିବା ସମୟରେ ଅମୀୟ ଝରି ବଜାର ନିକଟରେ ଧରାପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନିର୍ଦ୍ଧୁମ ମାଡ଼ ମାରିବା ପରେ ପୋଲିସକୁ ଖବର ଦେଇଥିଲେ। ବୈରୀ ପୋଲିସ ସେମାନଙ୍କୁ ଥାନାକୁ ନେଇ ଅଟକ ରଖିଥିବାବେଳେ ଆଉଜଣେ ଫେରାର ହୋଇଯାଇଛନ୍ତି।

## ବ୍ୟାସନଗର ସହରରେ ଦ୍ୱିତୀୟ ମେଗା ଜଳଯୋଗାଣ ପ୍ରକଳ୍ପ

# ଓଏମ୍‌ବିଏଡିସିରୁ ଖର୍ଚ୍ଚ ହେବ ୪୫.୧୨ କୋଟି ଟଙ୍କା

ଯାଜପୁର ଅଫିସ,୧୦।୧

ଯାଜପୁର ଜିଲାର ଅନ୍ୟତମ ପ୍ରମୁଖ ସହର ବ୍ୟାସନଗର ପୌରାଞ୍ଚଳରେ ଅନ୍ୟଏକ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପ୍ରଶାସନିକ ମଞ୍ଜୁରି ମିଳିଛି। ଓଏମ୍‌ବିଏଡିସି(ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ) ପକ୍ଷରୁ ଏହି ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ୪୫ କୋଟି ୧୨ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏଥିପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଏମ୍‌ବିଏଡିସିର ସିଇଓଙ୍କୁ ଉପରୋକ୍ତ ଅର୍ଥ ମଞ୍ଜୁର କରିବା ସହ ରିଲିଜ କରିବାକୁ ଅନୁରୋଧ କରାଯାଇଛି। କଳିଙ୍ଗନଗର ଉନ୍ନୟନ ପରିଷଦ(କେଏନ୍‌ଡିଏ)କୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ସୂଚନା ମିଳିଛି। ତେବେ ଦୀର୍ଘ ୮ବର୍ଷ ହେଲା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇ ପାରି ନ ଥିବା ମୁଣ୍ଡୋମାଳ ପ୍ରଥମ ମେଗା ଜଳଯୋଗାଣ ପ୍ରକଳ୍ପ ପରେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ନେଇ ସନ୍ଦୀହାନ ଦେଖାଦେଇଛି।

୨୦୧୧ ରୁ ଅର୍ବାନ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପ୍‌ମେଣ୍ଟ ଫର ସ୍ମଲ ଆଣ୍ଡ ମିଡିୟମ ଟାଉନ (ୟୁଆଇଡିଏସ୍‌ଏମ୍‌ଟି) ଯୋଜନାରେ ୧୪୫୧.୩୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଖରସ୍ରୋତା-ମୁଣ୍ଡମାଳା ଟ୍ରିଟମେଣ୍ଟ ପ୍ଲାନ ମଞ୍ଜୁର ହୋଇଥିଲା। ତେବେ ଜଙ୍ଗଲ ଜମି ଅଧିଗ୍ରହଣ ଯୋଗୁ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବ ହୋଇଥିଲା। ଏହି ସମସ୍ୟାର ସମାଧାନ ହେବା ପରେ ପୁନଃ ବଜେଟ ତିଆରି କରାଯାଇଥିଲା। ବ୍ୟାସ ସରୋବର ନିକଟରେ ଏହାର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସମ୍ପୂର୍ଣ୍ଣ ହୋଇଛି। ଝାଡ଼ଖଣ୍ଡର ଠିକାଦାର ଦାରୋଗା ପ୍ରଧାନ ଏହାର ନିର୍ମାଣ ଦାୟିତ୍ୱରେ ରହିଥିଲେ। କିନ୍ତୁ ଠିକାଦାରଙ୍କ ଅବହେଳା ଯୋଗୁ ପୂର୍ବରୁ ଅଗ୍ରଗତିରେ ମନ୍ଥରତା ଦେଖା ଦେଇଥିଲା। ଏନେଇ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ସମ୍ପୃକ୍ତ ଠିକାଦାରଙ୍କୁ ଚେତାବନୀ ଦେବା ପରେ କାର୍ଯ୍ୟରେ ସାମାନ୍ୟ ଅଗ୍ରଗତି ପରିଲକ୍ଷିତ ହୋଇ ଗତ ପ୍ରାୟ ୬ମାସ ହେବ ପର୍ଯ୍ୟାୟକ୍ରମେ ଏଥିରୁ ଜଳଯୋଗାଣ ଚାଲିଛି। ଅନ୍ୟପକ୍ଷେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗୋଟିଏ ପରେ ଗୋଟିଏ ଶିଳ୍ପ କାରଖାନା ପାଦ ଥାପୁଛନ୍ତି। ଫଳରେ କେଏନ୍‌ଡିଏର ଭୌଗୋଳିକ ସୀମା ଓ ଲୋକସଂଖ୍ୟା ହୁହୁ ହୋଇ ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କନମ୍ପ୍ରେହେନ୍‌ସିଭ ଡେଭଲପମେଣ୍ଟ ପ୍ଲାନ (ସିଡିପି) ପ୍ରସ୍ତୁତ କରିଛନ୍ତି। ୪୫୮.୬୮ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ଏଥିରେ ୧୬୧ଟି ଗ୍ରାମକୁ ସାମିଲ କରାଯାଇଛି। ପ୍ରଥମ ୫ବର୍ଷରେ ୧୨୩୫ କୋଟି ଟଙ୍କା ଓ ୨୦୩୦ ସୁଦ୍ଧା ୬୬,୧୩୯କୋଟି ଟଙ୍କା ବ୍ୟୟ କରିବାକୁ ଯୋଜନା ରହିଛି। ଏହିକ୍ରମରେ ଦ୍ୱିତୀୟ ମେଗା ଜଳଯୋଗାଣ ପ୍ରକଳ୍ପର ପରିକଳ୍ପନା କରାଯାଇଛି।



■ପ୍ରଶାସନିକ ମଞ୍ଜୁରୀ ପରେ ଅନୁଦାନକୁ ଅପେକ୍ଷା

■କେଏନ୍‌ଡିଏର ୧୪ଗ୍ରାମବାସୀ ହେବେ ଉପକୃତ

ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧୪ଟି ରାଜସ୍ୱ ଗ୍ରାମର ଲୋକ ଉପକୃତ ହେବେ। ତେବେ ଖରସ୍ରୋତା ନଦୀରେ ପ୍ରଥମ ମେଗା ପ୍ରକଳ୍ପର ପମ୍ପହାଉସ ହୋଇଥିବା ସ୍ଥାନରେ ଏହି ପ୍ରକଳ୍ପ ନିର୍ମାଣ ହେବ। ସେହିପରି ମୁଣ୍ଡୋମାଳ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିକଟରେ ମଧ୍ୟ ଏଥିପାଇଁ ଦ୍ୱିତୀୟ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ହେବ ବୋଲି ସୂଚନା ମିଳିଛି। ମିଲିଟାରୀ ଛକ, ଜହ୍ନାଛକ, ଫାୟାର ଷ୍ଟେଶନ ଛକ ପ୍ରଭୃତି ଅଞ୍ଚଳକୁ ଜଳଯୋଗାଣ କରିବାକୁ ଯୋଜନା ହୋଇଛି। ଏସଂକ୍ରାନ୍ତରେ ଯାଜପୁର ଜନସ୍ୱାସ୍ଥ୍ୟ ବିଭାଗର ଏସ୍‌ଡିଓ କ୍ଷେତ୍ରମୋହନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଖରସ୍ରୋତା-ମୁଣ୍ଡୋମାଳା ପ୍ରକଳ୍ପ ସ୍ଥାନ ନିକଟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ପୂର୍ବରୁ ଯୋଜନା ଓ ବ୍ୟୟଅଟକଳ ପ୍ରସ୍ତୁତ ହୋଇଥିଲା। ପ୍ରଶାସନିକ ମଞ୍ଜୁରୀ ମିଳିବା ପରେ ଓଏମବିଏଡିସିଙ୍କୁ ଏ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାପରେ ବିଭାଗୀୟ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

### ବଡଚଣା ମହୋତ୍ସବ ତୃତୀୟ ସନ୍ଧ୍ୟାରେ ଦର୍ଶକଙ୍କ ଭିଡ଼

ଚଣ୍ଡିଖୋଲ,୧୦।୧ (ଡି.ଏନ.ଏ)

ବଡଚଣା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଶୁକ୍ରବାର ଭରପୁର ଦର୍ଶକଙ୍କୁ ଦେଖିବାକୁ ମିଳିଥିଲା। ମହୋତ୍ସବ କମିଟି ପକ୍ଷରୁ ଏହି ସନ୍ଧ୍ୟାରେ ଗଞ୍ଜାମର ଶଙ୍ଖ ରଣପା,ଭୁବନେଶ୍ୱରର ରାଜଶ୍ରୀ ଫ୍ୟୁଜନ ଡ୍ୟାନ୍ସ, କଟକର ଭୈରବ ଡ୍ୟାନ୍ସ, ଜାରକାର ସ୍ମାଇଲ ଡ୍ୟାନ୍ସ ଓ ବୀଣାପାଣି କଳାକୁଞ୍ଜ ଚଣ୍ଡିଖୋଲ ଏବଂ ଧାନମଣ୍ଡଳସ୍ଥିତ ହୋଲିଜେସସ ବିଦ୍ୟାଳୟର କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଦର୍ଶକମାନେ ଏହାକୁ ଉପଭୋଗ କରିଥିଲେ। ଲକ୍ଷ୍ମୀନାରାୟଣ ସାଂସ୍କୃତିକ ପରିଷଦ ପକ୍ଷରୁ ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ସଂସ୍କୃତି, କଳା ଓ ସାହିତ୍ୟ କ୍ଷେତ୍ରରେ ଥିବା ଅବଦାନକୁ ଜନମାନସରେ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ, ରାଜ୍ୟ ସରକାରଙ୍କ ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା ଜନସାଧାରଣଙ୍କୁ ବେଶ ମନମୁଗ୍ଧ କରୁଛି।

# ନାରୀର ଅଧିକାର ପାଇଁ ସଂଗ୍ରାମ ଜରୁରୀ




ଫୋରମର ମୁଖପାତ୍ର ବ୍ୟାସଜ୍ୟୋତିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ବ୍ୟାସନଗର ପ୍ରେସ ଫୋରମର ବାର୍ଷିକ ଉତ୍ସବ**

ଯାଜପୁର ଅଫିସ,୧୦।୧

ନାରୀକୁ ଅର୍ଥନୈତିକ ସ୍ୱାଧୀନତା ଦେବାର ଆବଶ୍ୟକତା ରହିଛି। ନାରୀର ଅଧିକାର ପାଇଁ ସଂଗ୍ରାମ ଜରୁରି। ସେଥିରେ ଆମ ସମସ୍ତଙ୍କୁ ସାମିଲ ହେବାକୁ ପଡ଼ିବ ବୋଲି ବ୍ୟାସନଗର ପ୍ରେସ୍ ଫୋରମର ୧୧ତମ ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବରେ ଅତିଥିମାନେ ମତପୋଷଣ କରିଛନ୍ତି। ଏହି ଉତ୍ସବକୁ ରାଜ୍ୟ ସୂଚନା କମିଶନ ଶଶିପ୍ରଭା ବିନ୍ଧାଣୀ ଉଦ୍‌ଘାଟନ କରିଥିଲେ। ରାଜ୍ୟମହିଳା କମିଶନ ଅଧକ୍ଷା ମିନତୀ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଓଡ଼ିଶା ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ତମସା ରାଣୀ ମହାପାତ୍ର ମୁଖ୍ୟବକ୍ତା, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଜୟନ୍ତି ରଥ, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁଲତା ଦେଓ, ଦାନଗଦୀ ତହସିଲଦାର ବୁଲ୍‌ବୁଲ୍ ବେହେରା ଏବଂ ବରିଷ୍ଠ ସାମ୍ବାଦିକା ଜାଗୃତି ମହାନ୍ତି ଅତିଥି ଭାବେ ଯୋଗଦେଇ ନାରୀ ସୁରକ୍ଷା, କନ୍ୟାଭ୍ରୂଣ ହତ୍ୟା ଏବଂ ନାବାଳିକା ନିର୍ଯାତନାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଫୋରମର ସଭାପତି ଅଭୟ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଫୋରମର ମୁଖପାତ୍ର ବ୍ୟାସଜ୍ୟୋତିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଫୋରମର ସମ୍ପାଦକ ଉଦୟ ନାଥ ଖଣ୍ଡାଇ ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ପ୍ରକାଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରର ସାହିତ୍ୟିକା ସଞ୍ଜୁକ୍ତା ମହାପାତ୍ର, ଶିକ୍ଷାବିତ୍ ବିଦ୍ୟୁଲତା ପାତ୍ର, ସଂଗଠିକା ସବିତା ରାଉତ ଓ ବନ୍ଦିତା ପରିଡା, ସମାଜସେବିକା ସରୋଜିନୀ ରାଜ, ଶିଳ୍ପଦ୍ୱୋଗୀ ଅସ୍ମିତା ପତି, ଚିକିତ୍ସକ ସରିତା ବେହେରା, ସାମ୍ବାଦିକା ଜାଗୃତି ମହାନ୍ତି, ସୁଗୃହିଣୀ ମଧୁସ୍ମିତା ରାଜ, କ୍ରୀଡ଼ାବିତ ଭାଲେନା ଭାଲେଣ୍ଟିନା ଏବଂ ଶିଶୁ କଳାକାର ଆୟେସା ସାମଲଙ୍କ ସମେତ ନବଉତ୍କଳ ମହିଳା ସମିତି, ଯାଜପୁରରୋଡ ଇନରହ୍ୱିଲ କ୍ଲବ, କଳିଙ୍ଗନଗର ଇନରହ୍ୱିଲ କ୍ଲବ, ଲେଡିଜ କ୍ଲବ ଏବଂ ମାରୱାଡି ମହିଳା ସମିତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗତ ଡିସେମ୍ବର ୧୫ ତାରିଖ ଦିନ ଫୋରମ ପକ୍ଷରୁ ଆୟୋଜିତ ପ୍ରତିଭା ଅନ୍ୱେଷଣ ଓ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଏବଂ ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂନମ କାବ୍ରା, ସୁଚିସ୍ମିତା ସାହୁ ଓ ସବିତା ବେହେରା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନରେ ଆଶୁତୋଷ ମିଶ୍ର, ନିତ୍ୟାନନ୍ଦ ମହାଳିକ, ଅଜୟ ସାହୁ, ଜ୍ଞାନରଞ୍ଜନ ଓଝା, ଦୟାନିଧି ନାୟକ,ବାଇଧର ମାଝି, ମଳୟ ମଲ୍ଲିକ, ପିତବାସ ଭୂୟାଁ, ଅଶୋକ ସାମନ୍ତ ସିଂହାର, ଦୀପକ ଦାସ, ଚିତ୍ତରଞ୍ଜନ ବୋଇତେଇ, ସନ୍ତୋଷ କୁମାର ସାହୁ, ଆଶିଷ ରାଉତ, ମାନସ ଆଇଚ ପ୍ରମୁଖ ସହଯୋଗ କରିଥିଲେ।

**୩୧ତମ ଉଦୟଭାନୁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

### ଯାଜପୁରକୁ ହରାଇ ଗୋଲକୁଣ୍ଡ ଚାମ୍ପିୟନ

ବିଞ୍ଝାରପୁର,୧୦।୧(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ଉଦୟଭାନୁ କ୍ଲବ ଆନୁକୂଲ୍ୟରେ ହେଉଥିବା ୩୧ତମ ଉଦୟଭାନୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୧୧ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ଶୁକ୍ରବାର ଉଦ୍‌ଯାପନୀ ଦିବସରେ ଯାଜପୁରର ଏମ୍‌ସିସି ସହିତ ବରୀ ଗୋଲକୁଣ୍ଡ ସହିତ ଫାଇନାଲ ମୁକାବିଲା ହୋଇଥିଲା। ଏହି ଫାଇନାଲ ମ୍ୟାଚରେ ବରୀର ଗୋଲକୁଣ୍ଡ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ୱିକେଟ ହରାଇ ୨୧୪ରନ କରିଥିଲା। ଜବାବରେ ଏମସିସି ୧୪.୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୫୭ ରନ କରି ପରାଜିତ ହୋଇଥିଲା। ଗୋଲକୁଣ୍ଡା ଦଳର ଆଦିତ୍ୟ ଜେନା ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲାବେଳେ ଫାଇନାଲ ପ୍ରତିଯୋଗିତାକୁ ଦୀପ୍ତିରଞ୍ଜନ ମହାନ୍ତି ଓ ଚନ୍ଦ୍ରଶେଖର ପରିଡା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ରବୀନ୍ଦ୍ର ପରିଡା ମୁଖ୍ୟ ଅତିଥିରୂପେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ମୁଗୁପାଳ ସମବାୟ ସମିତିରେ ଖୋଲିଲା ମଣ୍ଡି

# ଜାନୁୟାରୀ ୧୫ରୁ ଧାନ ସଂଗ୍ରହ ଆରମ୍ଭ

ରସୁଲପୁର,୧୦।୧(ଡିଏନଏ)

ରସୁଲପୁର ବ୍ଲକର ୧୧ ପାକ୍ସ (ପ୍ରାଥମିକ କୃଷି ସମବାୟ ସମିତି) ମଧ୍ୟରୁ ମୁଗୁପାଳ ସମିତିରେ ଶୁକ୍ରବାର ଧାନମଣ୍ଡି ଖୋଲିଛି। ଏହି ପାକ୍ସରେ ଜାନୁଆରୀ ୧୫ରୁ ଧାନ ସଂଗ୍ରହ ଆରମ୍ଭ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ପାକ୍ସ ସଭାନେତ୍ରୀ ଧରିତ୍ରୀ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମଣ୍ଡି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ କୋ-ଅପରେଟିଭ ବ୍ୟାଙ୍କ ଶାଖା ପରିଚାଳକ ବିକାଶ ମିଶ୍ର, ସମ୍ମାନିତ ଅତିଥି ଭାବେ ସମବାୟ ସମ୍ପ୍ରସାରଣ ଅଧିକାରୀ କୃଷ୍ଣ ଚନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ଶିଶିର କୁମାର ମହାନ୍ତି, ଦିଲୀପ ଦାସ, ଶଶାଙ୍କ ଶେଖର ରାଉତ, ନବକିଶୋର ନାୟକ, ବାବୁଲି ମଳିକ, ମନୋଜ ସାହୁ, ନବଘନ ମଳିକ, ଅରୁଣ କୁମାର ସାହୁ, ସଞ୍ଜୟ ସାହୁ, ସମ୍ପାଦକ ପ୍ରଭାତ ଦାସ, ନିର୍ମଳ ପଣ୍ଡା ପ୍ରମୁଖ ଯୋଗଦେଇ ପଞ୍ଜୀକୃତ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ସମୟରେ ଉଦ୍ଦିଷ୍ଟ ସରକାରୀ ଆଇନକୁ କଡାକଡି ପାଳନ କରିବା ଉପରେ ମତ ରଖିଥିଲେ। ଏ ଦିଗରେ ଚାଷୀଙ୍କ ସହଯୋଗ ମଣ୍ଡି ପକ୍ଷରୁ କାମନା କରାଯାଇଛି। ଏହି ପାକ୍ସ ଅଧୀନ ୧୪୦ଜଣ ଚାଷୀ ଧାନ ବିକିବେ ବୋଲି ନାମ ପଞ୍ଜୀକରଣ କରିଛନ୍ତି। ଉକ୍ତ ଚାଷୀଙ୍କଠାରୁ ୨୫୦୦ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୩ଜଣ ଚାଷୀଙ୍କୁ ଟୋକେନ ପ୍ରଦାନ କରାଯାଇଛି। ଚାଷୀଙ୍କଠାରୁ ମହାବଳୀ ମଡର୍ଣ୍ଣ ରାଇସ୍ ମିଲର ଧାନ ସଂଗ୍ରହ କରିବା ପାଇଁ ଆବଣ୍ଟନ କରାଯାଇଛି ବୋଲି ଜଣାପଡିଛି।




ମୁଗୁପାଳ କୃଷି ସମବାୟ ସମିତିରେ ଉପସ୍ଥିତ ଅତିଥି ଓ ଚାଷୀମାନେ।

# ସୌରିକ ଅଞ୍ଚଳର ବିକାଶରେ ହିଁ ସୁକିନ୍ଦାର ବିକାଶ: ମନ୍ତ୍ରୀ

କାଳିଆପାଣି,୧୦।୧(ଡିଏନଏ)

ସୌରିକ ଯୁବ ମହୋତ୍ସବର ୩ୟ ଦିବସରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାନ୍ଧ୍ୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୁକିନ୍ଦାର ସୌରିକ ଅଞ୍ଚଳରେ ପ୍ରକୃତି ଅମାପ ଖଣିଜ ସମ୍ପଦ ଭରି ଦେଇଛି। ଯାହା ଉପଯୋଗରେ ରାଜ୍ୟର ବହୁ ଉନ୍ନୟନମୂଳକ କାର୍ଯ୍ୟ ଚାଲୁ ରହିଛି। ଏହି ଭୂସମ୍ପଦରେ ରାଜ୍ୟ ଓ ଦେଶ ବିକଶିତ ହେଉଛି। ତେଣୁ ସୌରିକ ଅଞ୍ଚଳର ବିକାଶ ହେଲେ ସୁକିନ୍ଦାର ବିକାଶ ହେବ ବୋଲି ଖଣି ମନ୍ତ୍ରୀ ପ୍ରକାଶ କରିଥିଲେ। ସୌରିକ ଅଞ୍ଚଳର ଅଧିବାସୀମାନେ ସରଳ ଓ ସ୍ୱାଭିମାନୀ ଅଟନ୍ତି। ସେମାନଙ୍କ ଭିତରେ ବହୁ ଲୁକ୍କାୟିତ ପ୍ରତିଭା ଭରି ରହିଛି। ଏହି ମହୋତ୍ସବ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ସମ୍ମୁଖ ଆଣିବାରେ ସୁଯୋଗ ସୃଷ୍ଟି କରୁଥିବା ସେ କହିବା ସହିତ ବଣ ମଲ୍ଲୀ ଆଉ ବଣରେ ମଉଳିବ ନାହିଁ ବୋଲି କହିଥିଲେ। ଟାଟା ଖଣି ମାର୍ଚ୍ଚ ସୁଦ୍ଧା ବନ୍ଦ ହେଉଥିଲେ ହେଁ ସେହି କ୍ୟାମ୍ପସରେ ରହିଥିବା ଡାକ୍ତରଖାନା, ସରକାରୀ ଓ ଘରୋଇ ସ୍କୁଲ ବନ୍ଦ ହେବ ନାହିଁ। ଶୁକ୍ରବାର ଓଡିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଭିଲିନ୍‌କ୍ରୀଷ୍ଟା ସୁକିନ୍ଦା ଟାଟାଖଣି ଗସ୍ତରେ ଆସି ବିଧାୟକ ଘଡେଇଙ୍କ ସହିତ ଆଲୋଚନା କରିଥିବା କହିଥିଲେ। ଓଡିଶା ଖଣି ନିଗମ କଲୋନୀ ପରିସରରେ ଥିବା କାଳିଆପାଣି ହାଇସ୍କୁଲରେ ଆସନ୍ତା ଶିକ୍ଷାବର୍ଷଠାରୁ ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲିବ ବୋଲି ସେ ସୂଚନା ଦେଇଥିଲେ। ସୌରିକ ଅଞ୍ଚଳ ବିକାଶ କାର୍ଯ୍ୟ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ ଆରମ୍ଭ କରିଥିବାବେଳେ ଏବେ ତାଙ୍କ ପୁତ୍ର ବିଧାୟକ ପ୍ରୀତି ରଞ୍ଜନ ଘଡାଇ ଏହି ବିକାଶ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନିତ କରୁଥିବା କହିଥିଲେ। ସୌରିକ ଯୁବ ମହୋତ୍ସବର ତୃତୀୟ ଦିବସରେ ଦିବା କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କୃଷକଙ୍କୁ ନୟାଗଡ ଜିଲା ସମ୍ବର ସମ୍ପାଦିକା ସାବରମତୀ, ଇପିକଲର ପୂର୍ବତନ ନୋଡାଲ ଅଫିସର ଶ୍ୟାମସୁନ୍ଦର ଦାସ, ବାବୁନୀ ସାହୁ, ଗିରୀଶ ପ୍ରସାଦ ସ୍ୱାଇଁ ପ୍ରମୁଖ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି ଅଧିକ ଅମଳକ୍ଷମ ଧାନ ଓ ପନିପରିବା କିପରି ଉତ୍ପାଦନ କରିପାରିବେ ତାହାର ପ୍ରଶିକ୍ଷଣ ଦେଇଥିଲେ। ଦିନ ତମାମ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସର୍ବଶ୍ରୀ ନାରାୟଣ ଧିର, ଇମ୍ପାର ମିଲନ ରଞ୍ଜନ କର, ପ୍ରଭାତ ରଞ୍ଜନ ପ୍ରଧାନ, ଜିଲା ପରିଷଦ ପ୍ରତାପ ପାତ୍ର, ଜିନ୍ଦଲ ଅଧିକାରୀ ଶକ୍ତି ପ୍ରସାଦ ବିଶ୍ୱାଳଆଦିବାସୀ ନେତା କେଶବ ହେସା, ଦୀପକ ନାୟକ, ସତ୍ୟଜିତ ନାୟକ, ନକୂଳ ଦାସ, ସଚିଦାନନ୍ଦ ମୁଦୁଲୀ,ଅମୀୟ ଦାସ, ଗୋପାଳ ଦାସ, ଶାନ୍ତନୁ ଜେନା, ପ୍ରଣୟ ପ୍ରଭଞ୍ଜନ ମହାପାତ୍ର, ଅଜିତ ମାହାନ୍ତ, ମନୋଜ ମାଲସାଣ୍ଡି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ମହୋତ୍ସବ ସନ୍ଧ୍ୟାରେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଉଦ୍‌ବୋଧନ ଦେଉଛନ୍ତି।

### ମା'ଖଣ୍ଡୁରାଇଙ୍କ ପୁଷ୍ୟାଭିଷେକ

ସୁକିନ୍ଦାର ଅଧିଷ୍ଠାତ୍ରୀ ଦେବୀ ମା'ଖଣ୍ଡୁରାଇଙ୍କର ଶୁକ୍ରବାର ବହୁ ପ୍ରତିକ୍ଷୀତ ପୁଷ୍ୟାଭିଷେକ ମା'ଙ୍କର ମୂଳପୀଠରେ ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ରାଜା ଭୂଦେବ ଭୂପତି ହରଚନ୍ଦନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁଷ୍ୟାଭିଷେକ ଉତ୍ସବରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ଜଣେ ସାଧାରଣ ପୂଜକଭାବେ ଯୋଗଦେଇ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ନବନିର୍ମିତ ପୀଠରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଭିଡ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ସୌରକ ଅଞ୍ଚଳର ବାର ପ୍ରଧାନୀଙ୍କ ମଧ୍ୟରୁ ମୁଖ୍ୟ ପୂଜକ ମହେଶ୍ୱର ଦେହୁରୀ ମା'ଙ୍କର ପୂଜାର୍ଚ୍ଚନା କରିଥିଲେ। ବର୍ଷରେ ଥରେ ମା'ଙ୍କ ପୀଠରେ ଏଭଳି ବଡ ଧରଣର ପୂଜାର୍ଚ୍ଚନା ହୋଇଥାଏ। ଏହି ପୁଷ୍ୟାଭିଷେକ ଉତ୍ସବରେ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧିର, ସ୍ଥାନୀୟ ସରପଞ୍ଚ ନିଳେନ୍ଦ୍ର ପ୍ରଧାନ, କାଳିଆପାଣି ସମିତି ସଭ୍ୟା ସଂଗୀତା ପ୍ରଧାନ, ରାଁସୋଳ ପୂର୍ବତନ ସରପଞ୍ଚ ସୁଷମା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ପାଇକ ଆଖଡ଼ା ମନ ମୋହିଲା

ପାଇକ ବିଦ୍ରୋହର ସ୍ମୃତି ଉଜ୍ଜୀବିତ କରି ଖୋର୍ଦ୍ଧା ପାଇକ ଦ୍ୱାରା ପରିବେଷିତ ହୋଇଥିବା ପାଇକ ଆଖାଡା ଦର୍ଶକଙ୍କ ମନ ମୋହିଥିଲା। ପାଇକଙ୍କ କଳା କୌଶଳ ପ୍ରଦର୍ଶନ ଅତି ଚିତାକର୍ଷକ ଥିଲା। ପେଣ୍ଡାଲ ଉପରେ ଶଗଡ଼ ଚକରେ ପ୍ରଦର୍ଶିତ ଆଖଡା କୌଶଳ ଦର୍ଶକଙ୍କୁ ବିମୋହିତ କରିଥିଲା। ପରେ ପ୍ରସିଦ୍ଧ ଓଲିଉଡ କଣ୍ଠଶିଳ୍ପୀ ତାରିକ୍ ଅଜିଜ୍‌ଙ୍କ ଦିୱାନୀ ଦିୱାନୀ ଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା। ଓଲିଉଡ ସେଲିବ୍ରିଟି ମଣ୍ଟୁ ଓ ଅନୀଶାଙ୍କ ଗ୍ରୂପ୍ ଡ୍ୟାନ୍ସ ମନ ମୋହିଥିଲା। ପ୍ରସିଦ୍ଧ କଣ୍ଠଶିଳ୍ପୀ ଶଶାଙ୍କ ଶେଖର, ନାଭିଆଙ୍କ ସଂଗୀତରେ ଦର୍ଶକ ବିମୋହିତ ହୋଇଥିଲେ। ସେହିପରି ହସ୍ୟାଭିନେତା ମଣିଭାଇ ଓ ଆଙ୍କର ଶୋଭନା ମଞ୍ଚରେ ଦର୍ଶକ ବାନ୍ଧି ରହିଥିଲେ।



### ବିଧାୟକ-ଜିଲା ପ୍ରଶାସନ ଏକାଦଶ କ୍ରିକେଟ ମ୍ୟାଚ୍

ଧର୍ମଶାଳା,୧୦।୧(ଡି.ଏନ୍.ଏ.)

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଜାରକାସ୍ଥିତ ଷ୍ଟାଡୟମ ପରିସରରେ ଜିଲା ପ୍ରଶାସନ ଏକାଦଶ ଓ ଓଡ଼ିଶା ବିଧାୟକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆସନ୍ତା ରବିବାର ୧୨ ତାରିଖରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଅଧକ୍ଷ ତଥା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ମ୍ୟାଚରେ ଜିଲାର ବରିଷ୍ଠ ଅଫିସର ଓ ବିଧାୟକମାନେ ଅଂଶଗ୍ରହଣ କରିବେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି। ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଡବ୍ଲ୍ୟୁଆର୍‌ଏସ୍-୨୩-୨୦୧୯-୨୦। ତାରିଖ: ତା୦୩।୦୧।୨୦୨୦ ୱାଗନ୍ ରିପେୟାର୍ ଶପ୍, ଏସ୍‌ଇସିଆର୍, ରାୟପୁର (ଛତିଶଗଡ଼) ଠାରେ ନିମ୍ନଲିଖିତ କାର୍ଯ୍ୟର ସଫଳ ନିର୍ବାହ ପାଇଁ ଅଭିଜ୍ଞ ଠିକାଦାରମାନଙ୍କଠାରୁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। କାର୍ଯ୍ୟର ନାମ:- ୦୨ (ଦୁଇ) ବର୍ଷ ଅବଧି ପାଇଁ "ସବୁ ପ୍ରକାର ୱାଗନ୍‌ର ସିବିସି ଓ ଏହାର କମ୍ପୋନେଣ୍ଟଗୁଡ଼ିକର ଡ୍ରପିଂ" ନିମନ୍ତେ କାର୍ଯ୍ୟ ଠିକା। ଆନୁମାନିକ। ଟେଣ୍ଡର ମୂଲ୍ୟ:- ଟ.୩୩,୦୪,୧୨୮.୦୦ (ତେତିଶ ଲକ୍ଷ ଚାରି ହଜାର ଏକଶହ ଅଠେଇଶ ଟଙ୍କା ମାତ୍ର) ଜିଏସ୍‌ଟି ସମେତ। ପରିମାଣ ଏବଂ ଚୁକ୍ତି ଅବଧି:- ସଂଲଗ୍ନ ପରିଶିଷ୍ଟ ଅନୁଯାୟୀ ୨୪ (ଚବିଶ) ମାସ ଅବଧି ପାଇଁ। ଅମାନତ ରାଶି (ଟ.):- ଟ.୬୬୧୦୦.୦୦ (ଛଷଠି ହଜାର ଏକ ଶହ ଟଙ୍କା ମାତ୍ର)। ଟେଣ୍ଡର ଫର୍ମ ମୂଲ୍ୟ (ଟ.):- ଟ.୩,୦୦୦/- (ତିନିହଜାର ଟଙ୍କା ମାତ୍ର)। ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୦୩।୦୨।୨୦୨୦ରିଖ ୧୬.୦୦ ଘଟିକା। ବିଡିଂ ଆରମ୍ଭ ତାରିଖ:- ତା୨୦।୦୧।୨୦୨୦ରିଖ। ଯୋଗ୍ୟତା ମାନଦଣ୍ଡ:- ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ। ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟେଣ୍ଡରର ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ।

PR/R/WRS/AP/187 ଡେପୁଟି ସିଏମ୍‌ଇ (III)/ଡବ୍ଲ୍ୟୁଆର୍‌ଏସ୍/ରାୟପୁର

South East Central Railway @secrail

## ସଂକ୍ଷେପରେ

### ଓଡଗାଁ ଜିପିଇଓ ପାଇଲେ ଓଏଏସ୍

ରଣପୁର,୧୦।୧(ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡଗାଁ ବ୍ଲକରେ କାର୍ଯ୍ୟରତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଇଓ) ମନୋଜ କୁମାର ବେହୁରା ଓଡ଼ିଶା ସିଭିଲ



ସର୍ଭିସ ପରୀକ୍ଷା (ଓଏଏସ୍) ୨୦୧୮ରେ ୧୧୪ତମ ସ୍ଥାନରେ ରହି ନୟାଗଡ଼ ଜିଲା ପାଇଁ ଗୌରବ ଆଣିଛନ୍ତି। ମନୋଜଙ୍କ ଘର ରଣପୁର ବ୍ଲକ ଅଡାଲ ଗାଁରେ। ତାଙ୍କ ସଫଳତା ପଛରେ ବର୍ତ୍ତମାନର ଓଡଗାଁ ବିଡିଓ ସ୍ୱାତିଲେଖା ଦାସ, ସ୍ୱରାଜ ଏକାଡେମୀ ଭୁବନେଶ୍ୱରର ପ୍ରତିଷ୍ଠାତା ଶୁଭଙ୍କର ତ୍ରିପାଠୀ, ମା'ବାପାଙ୍କ ଅବଦାନ ରହିଛି । ଆଗାମୀ ଦିନରେ ସେ ଜଣେ ଭଲ ପ୍ରଶାସକ ହେବେ ବୋଲି କହିଛନ୍ତି।

### ଶାଳବଲ୍ଲା ସହ ଟ୍ରାକ୍ଟର ଜବତ



ଖଣ୍ଡପଡ଼ା,୧୦।୧(ସ୍ୱ.ପ୍ର.): ନୟାଗଡ଼ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡିଙ୍କ ନିର୍ଦ୍ଦେଶ କ୍ରମେ ଖଣ୍ଡପଡା ରେଞ୍ଜ ଅଧୀନ ଖଲିସାହି ପଞ୍ଚାୟତର କୋଟପୋଖରୀ ଗ୍ରାମ ମା' ବ୍ରାହ୍ମଣୀଦେଈ ମନ୍ଦିର ନିକଟରେ ଗୁରୁବାର ରାତିରେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଏହି ସମୟରେ ଓଆର୩୨ଏ-୬୧୭୧ ନଂ. ବିଶିଷ୍ଟ ଟ୍ରାକ୍ଟର ସହ ଏଥିରେ ଥିବା ୨୦ ଶାଳ ବଲ୍ଲା ଜବତ କରାଯାଇଛି । ତେବେ ଘଟଣାସ୍ଥଳରୁ ଗାଡି ଚାଳକ ଫେରାର ହୋଇଯାଇଥିଲେ। ଏହି ଚଢାଉରେ ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା, ବନପାଳ ଶ୍ରୀନିବାସ ଦାସ, ଶ୍ରୀନିବାସ ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ଥିଲେ। ଏ ସମ୍ପର୍କରେ ଅଧିକ ତଦନ୍ତ ଚାଲୁ ରହିଥିବା ବନାଞ୍ଚଳ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି ।

### ଜିଲାସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗୀତା

ନୟାଗଡ଼ ଅଫିସ,୧୦।୧- ନୟାଗଡ଼ ଜିଲାସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ଏନଏସ୍ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୪୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ନିବେଦିତା ପାଣି, ମମତା ମଞ୍ଜରୀ ମିଶ୍ର, ବିଇଓ ଚନ୍ଦନ କୁମାର ରଥ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସାହିତ୍ୟିକା ବସରିନ୍ ବିବି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ନିବେଦିତା ପାଣି, ମମତା ମଞ୍ଜରୀ ମିଶ୍ର, ଶରତ କୁମାର ସାହୁ ଯୋଗ ଦେଇଥିଲେ। ୪ଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲା। ପ୍ରୟାସ କୁମାର ସାହୁ, ଶୁଭଶ୍ରୀ ବେହେରା, ଶୁଭଶ୍ରୀ ପ୍ରିୟଦର୍ଶିନୀ, ଅର୍ପିତା ପ୍ରିୟଦର୍ଶିନୀଙ୍କ ପ୍ରକଳ୍ପ ମନୋନୀତ ହୋଇଛି।

# ରଣପୁର ଥାନାରେ ଦଲାଲ ସର୍ବେସର୍ବା

ରଣପୁର,୧୦।୧ (ସ୍ୱ.ପ୍ର.)

- ଥାନାକୁ ଯିବାକୁ ଡରୁଛନ୍ତି ଲୋକେ
- ଅଧିକାଂଶ ଘଟଣାରେ ରଖାଯାଉନି ଏତଲା

ନୟାଗଡ଼ ଜିଲା ରଣପୁର ଥାନାରେ ଚାଲିଛି ଦଲାଲଙ୍କ ରାଜ୍। ସେମାନଙ୍କ ବିନା ସହଯୋଗରେ ନ୍ୟାୟ ମିଳୁନି। ଏ ନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କଲେ ନ୍ୟାୟ ମିଳିବା ବଦଳରେ ରୋଷର ଶିକାର ହେବାକୁ ପଡୁଛି। ଆମ ପୋଲିସ କାର୍ଯ୍ୟକ୍ରମ ଲୋକଙ୍କ ନିକଟତର ହେଉଛି ବୋଲି ପୋଲିସ ଡିଣ୍ଡିମ ପିଟୁଛି। ହେଲେ ଏଠାରେ ସାଧାରଣ ଲୋକେ ଅଭିଯୋଗ ପାଇଁ ଥାନାକୁ ଯିବାକୁ ଡରୁଛନ୍ତି। ପୋଲିସର ଲାଞ୍ଚଖୋର ମନୋଭାବ, ରୁକ୍ଷ ବ୍ୟବହାର ଏହାର କାରଣ ବୋଲି କୁହାଯାଉଛି। ଏଭଳି ରୁକ୍ଷ ବ୍ୟବହାର ଯୋଗୁ ଚାନ୍ଦପୁର ଥାନାର ପୂର୍ବତନ ଥାନା ଆଇଆଇସିଙ୍କ ୨୪ ଘଣ୍ଟା ମଧ୍ୟରେ ବଦଳି ହୋଇଥିଲା। ଏହା ପରେ ମଧ୍ୟ ରଣପୁର ଥାନା ବାବୁଙ୍କ ଆଚାର ବ୍ୟବହାରରେ ପରିବର୍ତ୍ତନ ଆସୁନି। ଅଭିଯୋଗକାରୀ ଉପଯୁକ୍ତ ସମ୍ମାନ ପାଉନାହାନ୍ତି। ଲୋକେ ଥାନାକୁ ଅଭିଯୋଗ କରିବାକୁ ଗଲେ ଥାନା ଅଧିକାରୀଙ୍କ ବ୍ୟବହାର ସେମାନଙ୍କୁ ଅତିଷ୍ଠ କରୁଛି। ସମସ୍ତଙ୍କୁ ବାନ୍ଧି ପଠାଇ



ରଣପୁର ଥାନା।

ଦେବାର ଧମକ ମଧ୍ୟ ମିଳୁଛି। ଏପରି କି ଗଣମାଧ୍ୟମରେ ମୁହଁ ଖୋଲିଲେ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମାନ ଢଙ୍ଗରେ ଧମକ ଦିଆଯାଉଛି। ଏ ନେଇ କିଛି ସାଧାରଣ ଲୋକ ପୋଲିସ ଉଚ୍ଚ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେମାନେ ଚୁପ ରହୁଛନ୍ତି। ଥାନା ପୋଲିସ ମାମଲା ରୁଜୁ ନ କରିବା ଏକ ଅଭ୍ୟାସରେ ପରିଣତ ହେଲାଣି। ବିଭିନ୍ନ ଆଳ ଦେଖାଇ ପୋଲିସ ଅଧିକାଂଶ ସମୟରେ ଏତଲା ରଖୁନାହିଁ। ରାଜନୀତି ଚାପରେ ହେଉ କିମ୍ବା ଲାଞ୍ଚଖୋର ମନୋବୃତ୍ତି ଯୋଗୁ ଅଭିଯୋଗକାରୀଙ୍କୁ ଫେରାଇ ଦିଆଯାଉଛି। ଏଭଳି ଅଭିଯୋଗ କରିଛନ୍ତି ଗତ ୨୩।୧୦।୨୦୧୯ ତାରିଖରେ ଥାନାରେ ଅଭିଯୋଗ କରିଥିବା ବାଉଁଶଗଡ ପଞ୍ଚାୟତ ଶ୍ରୀକୃଷ୍ଣପୁର ଗ୍ରାମର ଉପେନ୍ଦ୍ର କୁମାର ସ୍ୱାଇଁ। ସେହିଭଳି ବଜ୍ରକୋଟ ଗ୍ରାମର ଲିଙ୍ଗରାଜ ସାମନ୍ତରାୟ ଗତ ୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି ମାମଲା ରୁଜୁ କଲାନାହିଁ। ବରଂ ଗାଳିଗୁଲଜ କରି ଥାନାରୁ ତଡିଦେଇଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କୁ ପୋଲିସର ଅଣଦେଖା ଅପରାଧୀଙ୍କୁ ପ୍ରୋତ୍ସାହନ ଦେଉଛି । ମାମଲା ରୁଜୁ କରୁ ନ ଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କଡା ଆଇନ ରହିଛି । ହେଲେ ତାହା ରଣପୁର ଥାନାରେ କାର୍ଯ୍ୟକାରୀ ହେଉନି। ଅଧିକାଂଶ ଘଟଣାରେ ପୋଲିସ ଏତଲା ନ ରଖି ଅଭିଯୋଗ ହୋଇନି ସଫେଇ ଦେଇଚାଲିଛି। ଅନ୍ୟପଟେ ଥାନାରେ ଭିତ୍ତିଭୂମିର ଅଭାବ ରହିଛି। ମାନବସମ୍ବଳ କମ ରହିଥିବାରୁ ପୋଲିସ ବାବୁ ଏତଲା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇପାରୁନାହିଁ ବୋଲି ସଫେଇ ଦେଉଛି। ଏତଲା ନ ରଖିବାକୁ ନେଇ ଏସ୍‌ଡିପିଓ, ଏସ୍‌ପିଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନି। ବରଂ ଥାନା ପୋଲିସର କଥା ସହ ତାଳଦେଇ ଉପରିସ୍ଥ ଅଧିକାରୀ ଅଭିଯୋଗ ନ ଥିବା ଦର୍ଶାଇ ସହଯୋଗ କରିଆସୁଛନ୍ତି। ଏଣୁ ଆଇନ ତା' ବାଟରେ ରହୁଥିଲା ବେଳେ ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁନି । ଭିତ୍ତିଭୂମି ସଜାଡି ଆଇନକୁ କଡାକଡି ପାଳନ କଲେ ଅଧିକାଂଶ ପୋଲିସ ଅଫିସର ବନ୍ଧା ହୋଇ ଜେଲ ଯିବେ ବୋଲି ଜଣେ ଅବସରପ୍ରାପ୍ତ ଏସ୍‌ପି ପ୍ରକାଶ କରିଛନ୍ତି। ଏଥିସହିତ ଥାନା ଓ ଫାଣ୍ଡି ପୋଲିସ ମାନସିକତାରେ ପରିବର୍ତ୍ତନ ଆଣିବାକୁ ବାଧ ହେବେ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରଣପୁର ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସଙ୍କୁ ପଚାରିବାରୁ ସେ ଏହି ପ୍ରସଙ୍ଗରେ କୌଣସି ମତ ଦେବାକୁ ମନା କରିଥିଲେ। ନୟାଗଡ ଏସ୍‌ପି ଶଶିଭୂଷଣ ଶତପଥୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ, ମୁଁ ଅବଗତ ନ ଥିଲି, ଆପଙ୍କଠାରୁ ଜାଣିବାକୁ ପାଇଲି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି। ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ କହିଥିଲେ, ରଣପୁର ଥାନାରେ ମୋ ସରକାର କାର୍ଯ୍ୟକ୍ରମ ଦେଖିବାକୁ ମିଳୁନାହିଁ। ଛୋଟ ଛୋଟ କଥାରେ ପୋଲିସ ସାଧାରଣ ଲୋକଙ୍କୁ ବାନ୍ଧି ଜେଲ ପଠାଇ ଦେଉଛି। ଥାନା ଅଧିକାରୀଙ୍କ ବଦଳି ପାଇଁ ମୁଁ ପୋଲିସ ଡିଜିଙ୍କୁ ଜଣାଇଛି।

### ଗଣ୍ଡଗୋଳରେ ୩ ଆହତ

ନୟାଗଡ଼ ଅଫିସ,୧୦।୧

ନୟାଗଡ଼ ପୁରୁଣା ସହରଠାରେ ଶୁକ୍ରବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟି ୩ ଜଣ ଆହତ ହୋଇଛନ୍ତି। ଆହତମାନେ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନା ଅନୁସାରେ, ଭାଟସାହିର ଅନିଲ ବରାଡ଼ ଓ ସୁନୀଲ ବରାଡ଼ ଦୁଇ ଯୁବକ ଓଲଡ଼ଟାଉନର ଜଣେ ବ୍ୟକ୍ତିଙ୍କ ଘର ଆଗରେ ବାଇକ୍ ରଖି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଏହି ସମୟରେ ବ୍ୟକ୍ତି ଜଣଙ୍କ ବାହାରକୁ ଆସି ସେମାନଙ୍କୁ ତାଗିଦ୍ କରିବା ସହ କାହିଁକି ଏଠାରେ ଏପରି କହୁଛ ବୋଲି ପଚାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ୨ ଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ସେହିଭଳି ସମ୍ପୃକ୍ତ ବ୍ୟକ୍ତି ମଧ୍ୟ ସେମାନଙ୍କୁ ପ୍ରତି ଆକ୍ରମଣ କରିଥିଲେ। ଫଳରେ ୩ ଜଣ ଆହତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ବ୍ୟକ୍ତି ଜଣଙ୍କ କହିବା ଅନୁଯାୟୀ ତାଙ୍କ ଝିଅକୁ ଦେଖାଇ ଯୁବକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। କିନ୍ତୁ ଅନିଲଙ୍କ କହିବା କଥା ସେମାନେ ତାଙ୍କ ବାଳିକାବନ୍ଧୁଙ୍କୁ ଗାଳି କରୁଥିଲେ। ଏ ନେଇ ବ୍ୟକ୍ତି ଜଣଙ୍କ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ସତ୍ୟବାଦୀ ସାହିତ୍ୟରେ ଜାତୀୟତା ଶୀର୍ଷକ ପାଠଚକ୍ର

# ଭାଷା ଓ ସାହିତ୍ୟ ସ୍ୱାଧୀନ, ଅବାଧ ହେବା ଆବଶ୍ୟକ


ପାଠଚକ୍ରରେ ଉପସ୍ଥିତ ଅତିଥିମାନେ।

ଓଡ଼ଗାଁ,୧୦।୧(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ଓଡ଼ିଆ ସମ୍ମାନ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ସତ୍ୟବାଦୀ ସାହିତ୍ୟରେ ଜାତୀୟତା ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଭାରପ୍ରାପ୍ତ ଅଧକ୍ଷ ଅଶ୍ୱିନୀ କୁମାର ନାୟକ ମୁଖ୍ୟଅତିଥି, ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ବାନାମ୍ବର ପୃଷ୍ଟି ମୁଖ୍ୟବକ୍ତା ଓ ପ୍ରଧାପକ ବିଶ୍ୱନାଥ ମହାରଣା, ବାବାଜୀ ପରିଡା, ଅଧପାକ ପ୍ରଦୀପ୍ତ କୁମାର ବିଶ୍ୱାଳ ଏବଂ ବିଭାଗୀୟ ମୁଖ୍ୟ ଡ. ଚିତ୍ତରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ସତ୍ୟବାଦୀର ପ୍ରତିଷ୍ଠା ଓ ପଞ୍ଚସଖାଙ୍କ ଓଡ଼ିଆ ସାହିତ୍ୟ ପ୍ରତି ରହିଥିବା ଅବଦାନ ସମ୍ପର୍କରେ ତଥ୍ୟ ଭିତ୍ତିକ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ସେହିପରି ମୁଖ୍ୟବକ୍ତା ପୃଷ୍ଟି ତାଙ୍କର ଓଜସ୍ୱିନୀ ବକ୍ତବ୍ୟ ମଧ୍ୟରେ ସବୁ ସମୟରେ ଭାଷା ସାହିତ୍ୟ ସ୍ୱାଧୀନ,ଅବାଧ ଓ ମୁକ୍ତ ରହିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ବାଦଲ ଡାକୁଆ, ଲକ୍ଷ୍ମୀ ସାହୁ, ରୋଜିସ୍ମିତା ସାହୁ ଓ ପ୍ରୀତିନନ୍ଦା ପାଣିଗ୍ରାହୀ ସନ୍ଦର୍ଭ ପାଠ କରିଥିଲେ । ଅଧ୍ୟାପିକା ରୋଜାଲିନ ରଥ, ସୁଜାତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପ୍ରତିଷ୍ଠାତା ସମ୍ପାଦକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଦଶପଲ୍ଲା,୧୦।୧(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ପଣ୍ଡାଙ୍କ ୨ୟ ଶ୍ରାଦ୍ଧବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ରାମଚନ୍ଦ୍ର ପଣ୍ଡା ମେମୋରିଆଲ ଟ୍ରଷ୍ଟ ତଥା ପୁରାତନ ବିଦ୍ୟାର୍ଥୀ ସଂସଦ ତରଫରୁ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନ, ଡ. ମାଧବ ଚନ୍ଦ୍ର ମିଶ୍ର, ପୂର୍ବତନ ବ୍ଲକ ଚେୟାରମ୍ୟାନ ପ୍ରଶନ୍ନ କୁମାର ପଣ୍ଡା, ପ୍ରଧାନଶିକ୍ଷକ ଯୁଗଳକିଶୋର ପ୍ରଧାନ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପଣ୍ଡାଙ୍କ ଗୁଣାବଳୀ ଓ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ବିଜୟ କୁମାର ନନ୍ଦ ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ଡ. ଶିଶିର କୁମାର ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ ଦ୍ୱାରା ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଉତ୍ସବରେ ରାମଚନ୍ଦ୍ର ପଣ୍ଡାଙ୍କ ଉପରେ ରଚିତ ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା।

## ଶ୍ରୀନୀଳମାଧବ ଜୀଉଙ୍କ ଦେବାଭିଷେକ

### ଠାକୁରଙ୍କ ସୁନାବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ଖଣ୍ଡପଡ଼ା,୧୦।୧(ସ୍ୱ.ପ୍ର.)



ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ଶୁକ୍ରବାର ଶ୍ରୀ ନୀଳମାଧବ ଜୀଉଙ୍କ ଦେବାଭିଷେକ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ଭୋର ୫ଟାରେ ଶ୍ରୀ ଜୀଉଙ୍କ ପହଡ ଭଙ୍ଗ ଓ ମଙ୍ଗଳ ଆଳତି ପରେ ମଇଲମ, ତଡପ ଲାଗି ଓ ଅବକାଶ ବଢିଥିଲା। ଏହା ପରେ ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ଭଅଣ୍ଡ ପୂଜା ଧୂପ ଓ ହୋମ ପୂର୍ବ ନିର୍ଘଣ୍ଟ କ୍ରମେ ଅନୁଷ୍ଠିତ ହୋଇଯାଇଛି। ସାଢେ ୧୧ଟାରେ ଅମୃତ ମଣୋହି ହୋଇ ପାଟ ପଟୁଆର ସଂକୀର୍ତ୍ତନ ସହ ଦେବୋତ୍ତର ମ୍ୟାନେଜର ହରିହର ଦାଶ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦିରକୁ ଅଙ୍କୁରାରୋପଣ ସାମଗ୍ରୀ ନେଇଯାଇଥିଲେ। ଶ୍ରଦ୍ଧାଳୁ ଦୁଷ୍ମନ୍ତ କୁମାର ସ୍ୱାଇଁ ମା'ଙ୍କୁ ପ୍ରଥମ ଭେଟି ପ୍ରଦାନ ପରେ ମା'ଙ୍କୁ ପୂଜାର୍ଚ୍ଚନା କରି ଶ୍ରୀ ଜୀଉଙ୍କ ନିକଟକୁ ନିମନ୍ତ୍ରଣ କରି ଆଣିଥିଲେ । ମା'ଲକ୍ଷ୍ମୀ ବିଜେ ହେବା ପରେ ନୀଳମାଧବ ଜୀଉଙ୍କ ଶ୍ରୀପୟର ଲାଗି ଅଭିଷେକ ନୀତି ସୁନାବେଶ ସମ୍ପନ୍ନ ହୋଇଥିଲା । ପ୍ରାୟ ମଧାହ୍ନ ସାଢେ ୧୨ଟା ସମୟରେ ମଧାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜୀଉଙ୍କ ପାଟବସ୍ତ୍ର ଲାଗି ହେବା ପରେ ଅପରାହ୍ଣ ଗୋଟାଏ ସମୟରେ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ସାହାଣ ମେଲା ହୋଇଥିଲା। ଠାକୁରଙ୍କ ସୁନାବେଶ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ସହସ୍ରାଧିକ ଭକ୍ତଙ୍କ ଭିଡ଼ ହୋଇଥିଲା।

## ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

# ଫାଇନାଲ୍‌ରେ ଶିଖରପୁର ଓ ଗୋଡ଼ିପଡ଼ା

ନୟାଗଡ଼ ଅଫିସ,୧୦।୧

ମା' ବାଉତୀ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ପଞ୍ଚରିଡ଼ା ମାନପୁର ଲୋକନାଥ ନୋଡ଼ାଲ ବିଦ୍ୟାପୀଠ ଠାରେ ୨୪ତମ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଚାଲୁରହିଛି। ଶୁକ୍ରବାର ଷଷ୍ଠ ଦିବସରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଆୟୋଜକ ପଞ୍ଚରିଡ଼ା ମାନପୁର ଓ ଗୋଡ଼ିପଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଡ଼ିପଡ଼ା ଦଳ ୪ ରନ୍‌ରେ ବିଜୟୀ ହୋଇଥିଲା। ଫଳରେ ରବିବାର ଶିଖରପୁର ଓ ଗୋଡ଼ିପଡ଼ା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଶୁକ୍ରବାର ପଞ୍ଚରିଡ଼ା ମାନପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଜବାବରେ ଗୋଡ଼ିପଡ଼ା ଦଳ ୧୨.୧ ଓଭରରେ ୩ଟି ଉଇକେଟ ହରାଇ ୧୦୦ ରନ କରି ବିଜୟ ହାସଲ କରିଥିଲା। ଗୋଡ଼ିପଡ଼ା ଦଳର ପ୍ରତାପ


ମୁଖ୍ୟଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

୨୩ ବଲରେ ୪୦ ରନ୍ ଦେବା ସହିତ ୩ଟି ଉଇକେଟ ନେଇଥିବାରୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ଗୌରାଙ୍ଗ ଚରଣ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଞ୍ଜୟ ପ୍ରଧାନ ଓ ସନ୍ତୋଷ କୁମାର ପାଳ ଖେଳ ପରିଚାଳନା କରିଥିଲେ।

## ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଶକ୍ତିଶାଳୀ କରିବା ପାଇଁ ବୈଠକ

# ଅଧିକାରୀଙ୍କ ଅନୁପସ୍ଥିତି ନେଇ ଉଦ୍‌ବେଗ

ନୂଆଗାଁ,୧୦।୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ଶୁକ୍ରବାର ବ୍ଲକ ସ୍ତରରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମକୁ ଶକ୍ତିଶାଳୀ କରିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଅନେକ ଅଧିକାରୀ ଅନୁପସ୍ଥିତ ଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶିଶୁ ସୁରକ୍ଷା ଏକାନ୍ତ ଜରୁରୀ। ସେଥିପାଇଁ ପଞ୍ଚାୟତ ସ୍ତରରୁ ବିଭିନ୍ନ କାର୍ଯ୍ୟକ୍ରମ କରାଇବା ନିହାତି ଆବଶ୍ୟକ ବୋଲି ନୟାଗଡ ଆନୁଷ୍ଠାନିକ ଶିଶୁ ଅଧିକାରୀ ସତ୍ୟରଞ୍ଜନ ଦାଶ କହିଥିଲେ। ଦେଶରୁ ଶିଶୁ ଶ୍ରମିକ, ଶିଶୁ ନିର୍ଯାତନା ଆଦି ଦୂର କରି ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ହେଲେ ଆଜିର କାର୍ଯ୍ୟକ୍ରମରେ ସରକାରୀ ଅଧିକାରୀଙ୍କ ଅନୁପସ୍ଥିତି ଦେଖିଲେ ସରକାରଙ୍କ ଏହି କାର୍ଯ୍ୟକ୍ରମର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ



ବକ୍ତବ୍ୟ ରଖୁଛନ୍ତି ଆନୁଷ୍ଠାନିକ ଶିଶୁ ଯତ୍ନ ଅଧିକାରୀ।

ଯୋଗଦେବା ପାଇଁ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ତହସିଲଦାର, ଚିକିତ୍ସାଧିକାରୀ, ଥାନାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ସିଡିପିଓ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସିଡିପିଓ ପ୍ରମୁଖଙ୍କୁ ଚିଠି ମାଧ୍ୟମରେ ଜଣାଯାଇଥିଲେ ମଧ୍ୟ ୩/୪ ଜଣଙ୍କ ବ୍ୟତୀତ ଅନ୍ୟ କୌଣସି ଲୋକ ପ୍ରତିନିଧି ଯୋଗଦେଇ ନ ଥିଲେ। ସେହିପରି ବିଡିଓ, ବ୍ଲକ ଅଧ୍ୟକ୍ଷ, ସିଡିପିଓ, ବିପିଏମ, ସୁପରଭାଇଜରଙ୍କ ବ୍ୟତୀତ ଅନ୍ୟ ଅଧିକାରୀମାନେ ଅନୁପସ୍ଥିତ ଥିଲେ। ଯାହା ଫଳରେ ବ୍ଲକର ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଡାକି ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ଅଧିକାରୀମାନଙ୍କ ଅନୁପସ୍ଥିତି ବିଷୟରେ ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲଙ୍କୁ ପଚାରିବାରେ ଆମେ ସବୁ ଅଧିକାରୀ ଓ ଲୋକ ପ୍ରତିନିଧିମାନଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲୁ। ସେମାନେ କୌଣସି କାର୍ଯ୍ୟ ଯୋଗୁ ଆସିପାରି ନ ଥିବେ ବୋଲି କହିଛନ୍ତି।

## ଆଜି ୩୧ତମ ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ

# ସଡ଼କ ସୁରକ୍ଷା ନିୟମକୁ ଫୁ

ନୟାଗଡ଼ ଅଫିସ,୧୦।୧

ଶନିବାର ପାଳନ କରାଯିବ ୩୧ ତମ ସଡ଼କ ସୁରକ୍ଷା ସପ୍ତାହ। ୭ ଦିନ ଧରି ଜିଲାର ବିଭିନ୍ନ ସ୍ଥାନରେ ଏ ନେଇ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସଚେତନତା କରାଯିବ। ହେଲେ ବିଭାଗ ପକ୍ଷରୁ କେବଳ ସଚେତନତାରେ କାର୍ଯ୍ୟକ୍ରମ ଅଟକିଥିବାରୁ ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ନିୟମକୁ ଫୁ କରି ଉଡାଇ ଦେଉଛନ୍ତି ଗାଡ଼ି ଚାଳକମାନେ। ଗାଁଠାରୁ ଆରମ୍ଭ କରି ସହର ସବୁଠି ସଡ଼କ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି। ବିନା ହେଲମେଟ୍‌ରେ ଗାଡ଼ି ଚଳାଇବା, ସିଟ୍ ବେଲ୍ଟ ନ ପିନ୍ଧି ଗାଡ଼ି ଚାଳକମାନେ ଗାଡ଼ି ଚଳାଉଥିବା ଦେଖିବାକୁ ମିଳୁଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ କଡାକଡ଼ି ଯାଞ୍ଚ କରାଯାଉ ନ ଥିବାରୁ ଏହିଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଜିଲାରେ ୯୬ ହଜାର ୩୧ଟି ମୋଟର ସାଇକେଲ ସମେତ ୧ ଲକ୍ଷ


ବିନା ହେଲମେଟରେ ଚାଳକମାନେ ବାଇକ୍ ଚଳାଉଛନ୍ତି।

୩୨ ହଜାର ୭୯୫ଟି ଗାଡ଼ି ପଞ୍ଜୀକୃତ ହେଉଛି। ଏହା ତୁଳନାରେ କିନ୍ତୁ କମ୍ ଲାଇସେନ୍ସପ୍ରାପ୍ତ ଚାଳକ ରହିଛନ୍ତି। ଜିଲାରେ ମୋଟରସାଇକେଲ (ଗିୟର ଯୁକ୍ତ) ପାଇଁ ୨୬୦୫୦ ଜଣ ଓ ସ୍କୁଟି (ବିନା ଗିୟର ) ଚଳାଇବା ପାଇଁ ୧୭୬୬, ଚାରିଚକିଆ ଯାନ ଚଳାଇବା ପାଇଁ ୧୯୬୮୦ ଜଣ, ଏହିଭଳି ବିଭିନ୍ନ ଗାଡ଼ି ଚଳାଇବା ପାଇଁ ସମୁଦାୟ ୫୪,୮୯୧ ଜଣ ବ୍ୟକ୍ତି ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ପୂର୍ବରୁ ଲାଇସେନ୍ସ ପାଇଛନ୍ତି। ପୂର୍ବରୁ ପ୍ରତି ମାସରେ ୩୦୦ରୁ ୪୦୦ ଜଣ ଲାଇସେନ୍ସ ପାଇଁ ଆବେଦନ କରୁଥିବାବେଳେ ଏହା ବର୍ତ୍ତମାନ ବହୁଗୁଣା ହୋଇଯାଇଥିବା ଦେଖିବାକୁ ମିଳିଛି। ସେପ୍ଟେମ୍ବର ୧ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାରେ ପ୍ରାୟ ୪୭ ହଜାର ବ୍ୟକ୍ତି ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ୨୭ ହଜାରକୁ ଲର୍ନିଂ ଲାଇସେନ୍ସ ପ୍ରଦାନ କରାଯାଇଥିବା ବେଳେ ୬୫୦୦ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଡିସେମ୍ବର ୧ ତାରିଖ ବଦଳରେ ଏହାକୁ ୩ ମାସ ଘୁଞ୍ଚାଇ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ନୂତନ ସଡ଼କ ସୁରକ୍ଷା ନୀତିକୁ କୋହଳ କରିବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲମେଟ ଆଦି ବ୍ୟବସ୍ଥା ବିଷୟରେ କଡ଼ାକଡ଼ି ପାଳନ କରାଯିବ ବୋଲି କୁହାଯାଇଥିଲା। ହେଲେ ଏହାକୁ କୌଣସି ଠାରେ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳିଛି। କିଛି ଦିନ ତଳେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ସଚେତନତା କରାଯାଇଥିଲା । କୌଣସି ଠାରେ କଡ଼ାକଡ଼ି ଚେକିଂ ନ ହେବା ଯୋଗୁ ସଡ଼କ ସୁରକ୍ଷା ନିୟମକୁ ନଜର ଅନ୍ଦାଜ କରାଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଆଗକୁ ଯାଞ୍ଚ ଜୋରଦାର କରାଯିବ ବୋଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ଖଣ୍ଡପଡ଼ା,୧୦।୧(ସ୍ୱ.ପ୍ର.)

ସିଧାମୂଳା ଗ୍ରାମବାସୀଙ୍କ ଆନୁକୂଲ୍ୟରେତ ଗତ ୨ ତାରିଖଠାରୁ ଆରମ୍ଭ ହୋଇଥିବା ରାମଚରିତ ମାନସ ନବାହ୍ନ ପାରାୟଣ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପବିତ୍ର ମୋହନ କର ବ୍ୟାସ ଭାବରେ ଯୋଗଦେଇ ଅଧିବାସ ଓ ଘଟ ସ୍ଥାପନ ପରିଚାଳନା କରିଥିଲେ। ବିଭିନ୍ନ ସନ୍ଧ୍ୟାରେ ଅନୁଷ୍ଠିତ ରାମଚରିତ ମାନସ ପାରାୟଣ କାର୍ଯ୍ୟକ୍ରମରେ ନାରାୟଣ ପଣ୍ଡା, ଗୁରୁ ଚରଣ ମହାପାତ୍ର, ଗଣେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ ରାମକଥା ଉପରେ ଆଲୋକପାତ କରିଥିଲେ। ଅପରାହ୍ଣ ସାଢେ ୪ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଏହାକୁ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି । ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଡବ୍ଲ୍ୟୁଆର୍‌ଏସ୍-୨୩-୨୦୧୯-୨୦। ତାରିଖ: ତା୦୩।୦୧।୨୦୨୦ ୱାଗନ୍ ରିପେୟାର୍ ଶପ୍, ଏସ୍‌ଇସିଆର୍, ରାୟପୁର (ଛତିଶଗଡ଼) ଠାରେ ନିମ୍ନଲିଖିତ କାର୍ଯ୍ୟର ସଫଳ ନିର୍ବାହ ପାଇଁ ଅଭିଜ୍ଞ ଠିକାଦାରମାନଙ୍କଠାରୁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। କାର୍ଯ୍ୟର ନାମ:- ୦୨ (ଦୁଇ) ବର୍ଷ ଅବଧି ପାଇଁ "ସବୁ ପ୍ରକାର ୱାଗନ୍‌ର ସିବିସି ଓ ଏହାର କମ୍ପୋନେଣ୍ଟଗୁଡ଼ିକର ଡ୍ରପିଂ" ନିମନ୍ତେ କାର୍ଯ୍ୟ ଠିକା । ଆନୁମାନିକ । ଟେଣ୍ଡର ମୂଲ୍ୟ:- ଟ.୩୩,୦୪,୧୨୮.୦୦ (ତେତିଶ ଲକ୍ଷ ଚାରି ହଜାର ଏକଶହ ଅଠେଇଶ ଟଙ୍କା ମାତ୍ର) ଜିଏସ୍‌ଟି ସମେତ। ପରିମାଣ ଏବଂ ଚୁକ୍ତି ଅବଧି:- ସଂଲଗ୍ନ ପରିଶିଷ୍ଟ ଅନୁଯାୟୀ ୨୪ (ଚବିଶ) ମାସ ଅବଧି ପାଇଁ। ଅମାନତ ରାଶି (ଟ.):- ଟ.୬୬୧୦୦.୦୦ (ଛଅଷଠି ହଜାର ଏକ ଶହ ଟଙ୍କା ମାତ୍ର)। ଟେଣ୍ଡର ଫର୍ମ ମୂଲ୍ୟ (ଟ.):- ଟ.୩,୦୦୦/- (ତିନିହଜାର ଟଙ୍କା ମାତ୍ର)। ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୦୩।୦୨।୨୦୨୦ରିଖ ୧୬.୦୦ ଘଟିକା। ବିଡ଼ିଂ ଆରମ୍ଭ ତାରିଖ:- ତା୨୦।୦୧।୨୦୨୦ରିଖ । ଯୋଗ୍ୟତା ମାନଦଣ୍ଡ:- ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ । ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟେଣ୍ଡରର ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ।

PR/R/WRS/AP/187 ଡେପୁଟି ସିଏମ୍‌ଇ (III)/ଡବ୍ଲ୍ୟୁଆର୍‌ଏସ୍/ରାୟପୁର

South East Central Railway @secrail

